ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.58 Bhubaneswar Monday, April 11, 2022 | ୨୫ତମ ବର୍ଷ ସଂଖ୍ୟା-୫୮ ଭୁବନେଶ୍ୱର, ସୋମବାର, ଅପ୍ରେଲ ୧୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) | Member-INS








ନୂଆଦିଲ୍ଲୀ ଏମସ୍‌ର ପୂର୍ବତନ କ୍ୟାନସର ନିର୍ଦ୍ଦେଶକ ସ୍ୱନାମଧନ୍ୟ କର୍କଟ ରୋଗ ବିଶେଷଜ୍ଞ ପ୍ରଫେସର ଡକ୍ଟର ଗୌରୀ କୁମାର ରଥ ଆସାମ ରାଜ୍ୟପାଳ ପ୍ରଫେସର ଜଗଦିଶ ମୁଖିଙ୍କ ଦ୍ୱାରା ଗୌହ୍ୱାଟୀଠାରେ ଶ୍ରୀ ଶଙ୍କରଲାଲାଗୋଏଙ୍କା ସମ୍ମାନରେ ସମ୍ମାନିତ

## ରାଜ୍ୟର ୧୧ଟି ଶହରରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ

ଭୁବନେଶ୍ୱର, ୧୦।୪(ପି.ଏନ): ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି । ରାଜ୍ୟର ମୋଟ ୧୧ଟି ସହରର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଥିବା ବେଳେ ୪ଟି ସହରର ତାପମାତ୍ରା ୪୨ଡିଗ୍ରୀରୁ ଅଧିକ ରେକର୍ଡ କରା ଯାଇଛି । ସୋନପୁର ଆଜି ସବୁଠାରୁ ଉତପ୍ତ ସହର ପାଲଟିଛି । ଏଠାରେ ୪୨.୩ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରା ଯାଇଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ସେହିପରି ବଲାଙ୍ଗୀରରେ ୪୨.୨, ଟିଟିଲାଗଡ ଓ ବାରିପଦାରେ ୪୨ ଡିଗ୍ରୀ ତାପମାତ୍ରା ରେକର୍ଡ କରା ଯାଇଛି । ଝାରସୁଗୁଡାରେ ୪୧.୮, ବୌଦ୍ଧରେ ୪୧.୫ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରା ଯାଇଛି । ସମ୍ବଲପୁରରେ ୪୧.୭,ଅନୁଗୁଳରେ ୪୦.୯, ହିରାକୁଦରେ ୪୦.୧, ସୁନ୍ଦରଗଡରେ ୪୦.୦ ଓ ଭବାନୀପାଟଣାରେ ୪୦.୮ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରା ଯାଇଛି ।

### ବିଶେଷ ସୂଚନା

ନିୟମିତ ରବିବାର ସଂଖ୍ୟାରେ ପ୍ରକାଶିତ ହେଉଥିବା ସାହିତ୍ୟ ଦର୍ପଣ ପୃଷ୍ଠା ବିଶେଷ କାରଣ ଯୋଗୁଁ ସୋମବାର ସଂଖ୍ୟାରେ ପ୍ରକାଶିତ ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ‘ପର୍ଯ୍ୟବେକ୍ଷକ’ ୧୦ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

-ପ୍ରକାଶକ

## ମହାନଦୀରୁ ଉଦ୍ଧାର ନାବାଳକଙ୍କ ମୃତ୍ୟୁ, ଅନ୍ୟ ଦୁଇ ଜଣଙ୍କ ପତ୍ତା ମିଳୁନି

କଟକ,୧୦।୪(ପି.ଏନ): ମହାନଦୀର ଯୋବ୍ରାରେ ଗାଧୋଇଥିବା ବେଳେ ବୁଡ଼ିଗଲେ ୩ ନାବାଳକ । ସେମାନଙ୍କୁ ଭିତରୁ ଜଣଙ୍କୁ ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ ମେଡିକାଲ୍ ?ରେ ଭର୍ତ୍ତି କରିଥିଲେ । ଚି଼କିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ତାଙ୍କ ନାଁ ହେଉଛି ସାହିଲ୍ ? ଖାନ୍ ? । ତେବେ ଅନ୍ୟ ଦୁଇ ନାବାଳକଙ୍କ ପତ୍ତା ଏପର୍ଯ୍ୟନ୍ତ ମିଳିନାହିଁ ।ସେଠାରେ ଉପସ୍ଥିତ ଲୋକମାନେ ଚି଼ତ୍କାର ଶୁଣି ସାହିଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ । ପରେ ତାଙ୍କୁ କଟକ ବଡ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚି଼କିତ୍ସା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ସେପଟେ ରାଜ ଓ ଛୋଟୁଙ୍କ ପତ୍ତା ମିଳୁନାହିଁ । ଅଗ୍ନିଶମ, ଓଡ୍ରାଫ୍ ଓ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ତେବେ ଯୋବ୍ରାରେ ପ୍ରବଳ ପାଣି ଥିବାରୁ ଖୋଜିବାରେ ଅସୁବିଧା ସୃଷ୍ଟି ହେଉଛି । ସେଥିପାଇଁ ଯୋବ୍ରା ବ୍ୟାରେଜରେ ଗେଟ୍ ପକାଯାଇ ପାଣିକୁ ଅଟକା ଯାଇଛି । ପାଣି କମିବା ପରେ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି ।





## ବିପୁଳ ପରିମାଣର ନକଲି ଦେଶୀ, ବିଦେଶୀ ମଦ ଜବତ

ବଣାଇ,୧୦।୪(ପି.ଏନ): ଗଞ୍ଜାମ ପରେ ସୁନ୍ଦରଗଡ଼ ଜିଲ୍ଲାରେ ତିଆରି ହେଉଥିଲା ନକଲି ଦେଶୀ ଓ ବିଦେଶୀ ମଦ । ଏ ସମ୍ପର୍କରେ ଖବର ପାଇ ମୋବାଇଲ୍ ? ଅବକାରୀ ସ୍କ୍ୱାଡ ଓ ପୁଲିସ ମିଳିତ ଭାବେ ଚ଼ଢ଼ଉ କରି ବିପୁଳ ପରିମାଣର ନକଲି ମଦ ଏବଂ ମଦ ତିଆରି ସାମଗ୍ରୀ ଜବତ କରିଛି । ଏହି ମାମଲାରେ ଜଣକୁ ଗିରଫ କରିଛି ।ଲହୁଣୀପଡ଼ା ଥାନାର ଟକରା ଗାଁରେ ନକଲି ବିଦେଶୀ ମଦ ତିଆରି ହେଉଥିଲା । ଏ ସମ୍ପର୍କରେ ରାଉରକେଲା ମୋବାଇଲ୍ ଅବକାରୀ ସ୍କ୍ୱାଡ ଜାଣିବାକୁ ପାଇଥିଲା । ପରେ ଲହୁଣୀପଡା ଥାନା ପୁଲିସ୍ ସହାୟତାରେ ଟକରା ଗାଁରେ ଚ଼ଢ଼ଉ କରିଥିଲା । ଚ଼ ?ଉ ସମୟରେ ବହୁ ପରିମାଣରେ ନକଲି ବିଦେଶୀ ମଦ, ନକଲି ମଦ ତିଆରି ସାମଗ୍ରୀ, ୨୪୦୦ଟି ଖାଲି ବୋତଲ, ୬୯୦ଟି ବିଭିନ୍ନ ବ୍ରାଣ୍ଡର ଲେବୁଲ୍, ୧୫୦ ଠିପି ଜବତ କରିଥିଲା । ନକଲି ମଦ କାରବାର ଅଭିଯୋଗରେ ଅବକାରୀ ସ୍କ୍ୱାଡ ଅଭିଯୁକ୍ତ ଦୟାନନ୍ଦ ରାୟକୁ ଗିରଫ କରିଥିଲା ।ତେବେ କେତେ ଦିନ ଧରି ସେଠାରେ ଅନଲି ମଦ କାରଖାନା ଚ଼ାଲିଥିଲା ଓ କେଉଁ କେଉଁ ସ୍ଥାନକୁ ଚ଼ାଲାଣ ହେଉଥିଲା, ତାହା ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ । ପୁଲିସ୍ ଓ ଅବକାରୀ ବିଭାଗ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି ।



### ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ପକା ଘଟଣାରେ କାର୍ଯ୍ୟାନୁଷ୍ଠାନ ନ ହେଲେ ବୁଧବାର ଦିନ ନୀଳଗିରି ବନ୍ଦ ପାଇଁ ଚେତାବନୀ

ଭୁବନେଶ୍ୱର, ୧୦।୪(ପି.ଏନ): ବାଲେଶ୍ୱରର ନୀଳଗିରି ଠାରେ ସାମ୍ବାଦିକଙ୍କୁ ମାଡ଼ ଓ ଗୋଡ଼ରେ ବେଡ଼ି ପକା ଘଟଣାରେ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦିଆ ଯାଇ ନାହିଁ । ଆଗାମୀ ୪୮ ଘଂଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ବୁଧବାର ଦିନ ନୀଳଗିରି ବନ୍ଦର ଆହ୍ୱାନ ଦିଆ ଯିବ । ନୀଳଗିରି ଠାରେ ଏ ନେଇ ହୋଇଥିବା ସର୍ବଦଳୀୟ ବୈଠକରେ ଏ ସମ୍ପର୍କରେ କ୍ରିୟାନୁଷ୍ଠାନ କମିଟି ଗଠନ କରାଯିବା ସହ ଏହି ଚେତାବନୀ ଦିଆ ଯାଇଛି । କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହା ଯାଇଛି ଯେ ଏହି ମାମଲାରେ ଦୋଷୀ ମାନଙ୍କର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ତେଣୁ ପ୍ରଶାସନକୁ ୨ ଦିନ ସମୟ ଦିଆ ଯାଉଛି । ଯଦି ଏହି ସମୟ ମଧ୍ୟରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ତେବେ ବୁଧବାର ଦିନ ନୀଳଗିରି ବନ୍ଦ କରାଯିବ ।

## ଝାରପଡ଼ା ଗଣେଶ ମଣ୍ଡପ ହାଟ ଉଚ୍ଛେଦ ମାମଲାରେ କ୍ଷତିପୂରଣ ଦାବି

### *ଲକ୍ଷ୍ମୀସାଗର ଥାନାରେ ପହଂଚିଲେ ବିଜେପି ଓ କଂଗ୍ରେସର ପ୍ରତିନିଧି ଦଳ*

ଭୁବନେଶ୍ୱର, ୧୦।୪(ପି.ଏନ): ରାଜଧାନୀର ଝାରପଡ଼ା ଗଣେଶ ମଣ୍ଡପ ହାଟ ଉଚ୍ଛେଦ ପ୍ରତିବାଦରେ ଓ କ୍ଷତିଗ୍ରସ୍ତ ଦୋକାନୀ ମାନଙ୍କୁ କ୍ଷତିପୂରଣ ଦେବାକୁ ଉଭୟ ବିଜେପି ଓ କଂଗ୍ରେସ ଦାବି କରିଛନ୍ତି । ରବିବାର ଦିନ ବିଜେପି ଓ କଂଗ୍ରେସର ପ୍ରତିନିଧି ଦଳ ଲକ୍ଷ୍ମୀସାଗର ଥାନାରେ ପହଂଚି ଏହି ଦାବି କରିଛନ୍ତି । ଯଦି ବ୍ୟବସାୟୀ ମାନଙ୍କୁ କ୍ଷତିପୂରଣ ଦିଆ ନ ଯିବ ତେବେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ଉଭୟ ଦଳର ନେତା ମାନେ ଚେତାବନୀ ଦେଇଛନ୍ତି । ଅନ୍ୟ ପକ୍ଷରେ ଘଟଣାସ୍ଥଳକୁ ମେୟର ଆସିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଗତ ଶୁକ୍ରବାର ଦିନ ଝାରପଡା ଗଣେଶ ମଣ୍ଡପ ହାଟକୁ ପ୍ରଶାସନ ଦ୍ୱାରା ଭଙ୍ଗା ଯାଇଥିଲା । ବିପୁଳ ସଂଖ୍ୟାରେ ପୋଲିସ ଫୋର୍ସ ସକାଳୁ ସକାଳୁ ପହଂଚି ବୁଲଡୋଜର ଲଗାଇ ହାଟରେ ଥିବା ସମସ୍ତ ଦୋକାନ ଘରରୁ ଭାଙ୍ଗି ଦିଆଯାଇଥିଲା । ବ୍ୟବସାୟୀ ମାନଙ୍କୁ ପୂର୍ବରୁ ସଠିକ ଭାବେ ସୂଚନା ଦିଆ ଯାଇ ନ ଥିବା ଓ ସେମାନଙ୍କୁ ଥଇଥାନ ନ କରା ଯାଇ ଭଙ୍ଗା ଯାଉଥିବା ଅଭିଯୋଗ କରି ସ୍ଥାନୀୟ ବ୍ୟବସାୟୀ ମାନେ ଏହାର ପ୍ରବଳ ବିରୋଧ କରିଥିଲେ । ବିଜେପି ଓ ସ୍ଥାନୀୟ ବ୍ୟବସାୟୀଙ୍କ ପକ୍ଷରୁ କଟକ-ପୁରୀ ରାସ୍ତାର ଲକ୍ଷ୍ମୀସାଗର ଗୋଲେଇ ଛକ ନିକଟରେ ରାସ୍ତା ଅବରୋଧ କରାଯାଇଥିଲା । ଦୋକାନୀମାନଙ୍କୁ କ୍ଷତିପୂରଣ ଓ ଥଇଥାନ ଦାବିରେ ରାସ୍ତା ଅବରୋଧ କରାଯାଇଥିଲା ।

## ବାରିପଦାରେ ରାମ ନବମୀ ଧୂମଧାମରେ ପାଳିତ : ଶ୍ରୀରାମ ନବମୀ ମହୋତ୍ସବ ସମିତି ପକ୍ଷରୁ ବିଶାଳ ଶୋଭାଯାତ୍ରା



ବାରିପଦା,୧୦/୦୪ (ପି.ଏନ):ଆଜି ପବିତ୍ର ରାମ ନବମୀ ଅବସରରେ ସାରା ଦେଶରେ ମର୍ଯ୍ୟାଦା ପୁରଷତୋମ ଭଗବାନ ଶ୍ରୀରାମ ଲାଲାଙ୍କ ଜନ୍ମ ଉତ୍ସବକୁ ବଡ ଧୁମଧାମରେ ପାଳନ କରାଯାଉଛି । ବାରିପଦା ସହରରେ ମଧ୍ୟ ରାମ ଭକ୍ତ ମାନେ ଏହି ପର୍ବକୁ ନିଆରା ଢଙ୍ଗରେ ପାଳନ କରୁଥିବା ଦେଖିବାକୁ ମିଳିଛି । ସକାଳୁ ଭକ୍ତଗଣ ମା ବାସନ୍ତୀଙ୍କ ପୁଜା ମଣ୍ଡପ ସହ ସହରର ବିଭିନ୍ନ ରାମ ମନ୍ଦିର, ହନୁମାନ ମନ୍ଦିର ଓ ବିଷ୍ଣୁ ମନ୍ଦିର ଗୁଡିକୁ ଯାଇ ନିଜର ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ପୁଜାର୍ଚ୍ଚନା କରଛନ୍ତି । ଏହାପରେ କମିଟିର ସଭ୍ୟମାନଙ୍କ ଦ୍ୱାରା ହନୁମାନ ଚ଼ାଳିଷା ଓ ଶ୍ରୀରାମ ସ୍ତୋତ୍ର ପାଠ କରାଯାଇଥିଲା । ସନ୍ଧ୍ୟା ସମୟରେ ଶ୍ରୀରାମ ନବମୀ ମହୋତ୍ସବ ସମିତି ପକ୍ଷରୁ ବାରିପଦା ସହରର ମଧୁବନ ପଡିଆରୁ ରାମଭକ୍ତ ମାନେ ଏକ ବିଶାଳ ଶୋଭା ଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ଭକ୍ତଗଣଙ୍କ ରାମ ନାମ ଶବ୍ଦ ଗୁଞ୍ଜରଣରେ ପ୍ରକମ୍ପିତ ହୋଇଥିଲା ବାରିପଦା ସହର । ଶେଷରେ ଭଞ୍ଜପୁର ପର୍ଯ୍ୟନ୍ତ ଏହି ରେଲି ଯାଇ ପ୍ରସାଦ ସେବନ କରିବା ସହ କାର୍ଯ୍ୟକ୍ରମ ସମାପ୍ତ କରିଥିଲେ । ତେବେ ମହାମାରୀ କରୋନା ଯୋଗୁଁ ଦୁଇ ବର୍ଷ ହେବ ଭକ୍ତମାନେ ମନ୍ଦିର ମଧ୍ୟରେ ରାମ ଲାଲାଙ୍କ ପୁଜାର୍ଚ୍ଚନା ଠିକସେ କରିପାରିନଥିବା ବେଳେ ଚ଼ଳିତ ବର୍ଷ ଏହାକୁ ଧୁମଧାମରେ ପାଳନ କରି ବେଶ ଆନନ୍ଦିତ ଥିବା କହିଛନ୍ତି ।

# ରାଜ୍ୟ ସରକାରଙ୍କ ଗୋଲକଧନ୍ଦାରେ, ଚାଷୀକୁଳ ହନ୍ତସନ୍ତ : ବିଜେପି

ଭୁବନେଶ୍ୱର, ୧୦।୪(ପି.ଏନ): ଦେଶର ଅର୍ଥବ୍ୟବସ୍ଥାରେ କୃଷି ହେଉଛି ମେରୁଦଣ୍ଡ । ଦେଶର କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ସଂକଳ୍ପବଦ୍ଧ ଏବଂ ଏଥି ପାଇଁ କାର୍ଯ୍ୟ କରିଆସୁଛନ୍ତି । ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟକୁ କ୍ରମାଗତ ଭାବେ ବୃଦ୍ଧି କରିବା, “ଏକ୍ ଦେଶ – ଏକ୍ ବଜାର”, ଆତ୍ମନିର୍ଭର କୃଷକ, ୨.୯୪ କୋଟି କୃଷକଙ୍କୁ ୩.୨୨ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ କ୍ରେଡିଟ୍ ସୀମା, କିସାନ କ୍ରେଡିଟ କାର୍ଡ, ଫସଲ ବୀମା ଯୋଜନା, “କିସାନ ମାନ ଧନ ଯୋଜନାରେ”, “ପ୍ରଧାନମନ୍ତ୍ରୀ ଅନ୍ନଦାତା ଆୟ ସଂରକ୍ଷଣ ଅଭିଯାନ”, “ହର୍ କ୍ଷେତକୋ ପାନୀ”, ୨୩ କୋଟି କୃଷକଙ୍କୁ ସଏଲ ହେଲ୍‌ଥ କାର୍ଡ ପ୍ରଦାନ, କିସାନ ରେଲ୍, କିସାନ ଉଡାନ୍, କିସାନ ଟିଭି ଚ୍ୟାନେଲ ଭଳି ଅନେକ କୃଷି ଓ କୃଷକ ଉପେଯାଗୀ କଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ କରିଛନ୍ତି । କୃଷି ଭିତିଭୁମି ବିକାଶ ପାଇଁ ୧ ଲକ୍ଷ କୋଟି ଟଙ୍କାର ଋଣ ସୁବିଧା କରାଇଛନ୍ତି । ୧୧୬୩୨ ପ୍ରକଳ୍ପ ପାଇଁ ୮୫୮୫ କୋଟି ଟଙ୍କାର ଋଣ ମଂଜୁର କରିଛନ୍ତି । ସାରା ଦେଶରେ ମଣ୍ଡିଗୁଡିକର ଡିଜିଟାଲ ଏକତ୍ରୀକରଣ କରାଯାଇଛି । “ଇ-ନାମ ପ୍ଲାଟଫର୍ମରେ ୧.୮୭ ଲକ୍ଷ କୋଟି ଟଙ୍କାର କାରବାର ହୋଇଛି । ଏହା ବାଦ୍ ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧି ଯୋଜନା ଜରିଆରେ କୃଷକମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବର୍ତମାନ ସୁଦ୍ଧା ୧୦ଟି କିସ୍ତିରେ ୧୧.୭୮ କୋଟି କୃଷକଙ୍କୁ ୧.୮୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିସାରିଛନ୍ତି । ଏ ସମସ୍ତ ସିଧାସଳଖ କୃଷକଙ୍କ ବ୍ୟାଂକ ଆକାଉଂଟରେ ଜମା କରାଯାଉଛି । ୟୁପିଏ ସରକାରରେ ୨୦୦୯ ରୁ ୨୦୧୪ ମସିହା ଅବଧିରେ କୃଷି ବଜେଟରେ ମାତ୍ର ୮.୫ ପ୍ରତିଶତର ଅଭିବୃଦ୍ଧି ହୋଇଥିବାବେଳେ ମୋଦି ସରକାର ଅମଳରେ ୨୦୧୪ ରୁ ୨୦୧୯ ମସିହା ଭିତରେ ୩୮ ପ୍ରତିଶତ ବୃଦ୍ଧି ପାଇଛି । ଚଳିତ ୨୦୨୨-୨୩ ଆର୍ଥିକ ବର୍ଷରେ ୧,୨.୯୬୦.୭୫ କୋଟି ଟଙ୍କାର କୃଷି ବଜେଟ ଉପସ୍ଥାପନ କରିଛନ୍ତି । ମୋଦି ସରକାରଙ୍କ ଆନ୍ତରିକତା କାରଣରୁ କୃଷକଙ୍କ ଅର୍ଥନୈତିକ ସ୍ଥିତି ସୁଦୃଢ ହେବାରେ ଲାଗିଛି ବୋଲି ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଡ.ବିଭୁ ପ୍ରସାଦ ତରାଇ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।ଅନ୍ୟ ପଟେ ରାଜ୍ୟ ସରକାର ସଂପୂର୍ଣ୍ଣ ଚାଷୀବିରୋଧୀ ଏବଂ ଅପାରଗତା ଓ ଆନ୍ତରିକତା ଅଭାବ କାରଣରୁ ରାଜ୍ୟର ଚାଷୀକୁଳ ବିଭିନ୍ନ ସୁବିଧା ସୁଯୋଗ ପାଇବାରୁ ବଂଚିତ ହୋଇଛନ୍ତି । ପିଏମ-କିସାନରେ ରାଜ୍ୟର କୃଷକମାନେ ଆର୍ଥିକ ସହାୟତା ପାଇବାରେ ମୁଖ୍ୟ ବାଧକ ସାଜିଛନ୍ତି ରାଜ୍ୟ ସରକାର । ୨୦୧୯ ମସିହା ନିର୍ବାଚନ ସମୟରେ ୭୫ ଲକ୍ଷ ଚାଷୀଙ୍କୁ କାଳିଆ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ, ମାତ୍ର ୫୭ ଲକ୍ଷ ଚାଷୀଙ୍କ ତାଲିକା ରାଜ୍ୟ ସରକାରଙ୍କ ନିକଟରେ ଅଛି ବୋଲି ବିଧାନସଭାରେ ସ୍ୱୀକାର କରିଛନ୍ତି । ତାହେଲେ ବଳକା ୧୮ ଲକ୍ଷ ଚାଷୀ କୁଆଡେ ଗଲେ ? ଚାଷୀଙ୍କ ଆଶା ଦେଇ ନିରାଶ କରିବା ସହିତ ପ୍ରତାରଣ କରିଛନ୍ତି ବାଲି ଶ୍ରୀ ତରାଇ କହିଛନ୍ତି । ଓଡିଶାର ପଂଜିକୃତ ୪୦.୫୪ ଲକ୍ଷ ଚାଷୀ ପିଏମ-କିସାନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାଖାପାଖି ୫୫୫୦ କୋଟି ଟଙ୍କା ବ୍ୟାଙ୍କ ଖାତାକୁ ଟ୍ରାନ୍ସଫର କରାଯାଇଛି । ତାହେଲେ କାଳିଆ ଯୋଜନରେ ଥିବା ୫୭ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ କାହିଁକି ବଳକା ୧୬.୪୬ ଲକ୍ଷ ହିତାଧିକାରୀ ପିଏମ-କିସାନ ଯୋଜନାରୁ ବଂଚିତ ହୋଇଛନ୍ତି । ଚାଷୀଙ୍କ ଅଲଗା ଅଲଗା ତାଲିକା ଦେଉଛନ୍ତି ରାଜ୍ୟ ସରକାର । ଓଡିଶା ଚାଷୀ ଉପକୃତ ହେଲେ ରାଜ୍ୟ ସରକାରଙ୍କ କେଉଁଠି ଅସୁବିଧା ରହିଯାଉଛି ? ବାରମ୍ବାର କହିବା ସତ୍ତ୍ୱେ ରାଜ୍ୟ ସରକାର କାହିଁକି ଚାଷୀତାଲିକା କେନ୍ଦ୍ର ସରକାରକୁ ଦେଉନାହାନ୍ତି, ତାହା ସାଧାରଣରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଶାସକ ବିଜେଡିର ଚାଷୀମାରଣ ନୀତି ସ୍ପଷ୍ଟ ହୋଇଛି । ପିଏମ-କିସାନ ସମ୍ମାନ ଏବଂ କାଳିଆ ଯୋଜନାରେ ଭିନ୍ନ ଭିନ୍ନ ସଂଖ୍ୟାରେ ହିତାଧିକାରୀ ଥିବା, ବାରମ୍ବାର ମାଗିବା ସତ୍ତ୍ୱେ ରାଜ୍ୟ ସରକାର କେନ୍ଦ୍ରକୁ ସଠିକ ଚାଷୀତାଲିକା ପ୍ରଦାନ ନକରିବା, କାଳିଆ ଯୋଜନାରେ ପିଏମ-କିସାନ ଯୋଜନାର ସହାୟତା ରାଶି ବଂଟନ କରି ଦ୍ୱନ୍ଦ ସୃଷ୍ଟି କରିବା ଭଳି ଅନେକ ସନ୍ଦେହଜନକ କାର୍ଯ୍ୟ କାରଣରୁ ଓଡିଶାର ଚାଷୀକୁଳ ଆଜି ଗୋଲକ ଧନ୍ଦା ଭିତରେ ରହି ଅଯଥାରେ ହନ୍ତସନ୍ତ ହେଉଛନ୍ତି ଶ୍ରୀ ତରାଇ କହିଛନ୍ତି । ‘କାଳିଆ’, ‘ବଳରାମ’ ଭଳି ମିଛ ଯୋଜନା ଜରିଆରେ ଚାଷୀଙ୍କୁ କେବଳ ଭୁଆଁ ବୁଲାଯାଉଛି । ଓଡ଼ିଶାରେ କିପରି ଚାଷର ଉନ୍ନତି ହେବ ଓ ଅଧିକ ଉତ୍ପାଦନ ହୋଇପାରିବ ଏନେଇ କେନ୍ଦ୍ର ସରକାର ବାରମ୍ବାର ତାଲିକା ମାଗିଲା ପରେ ରାଜ୍ୟ ସରକାର ୯ଲକ୍ଷ ତାଲିକା ଦେଇଛନ୍ତି । ଏଥି ମଧ୍ୟରୁ ୯ହଜାର ଅଯୋଗ୍ୟ ସାମିଲ ଥିବାର ପ୍ରାଥମିକ ସ୍ତରରେ ଧରାପଡିଛି ଏବଂ ଏ ସମସ୍ତ ଅଯୋଗ୍ୟ ହିତାଧିକାରୀମାନେ ଶାସକ ବିଜେଡିର କର୍ମୀ ଥିବାର ପ୍ରମାଣିତ ହୋଇଛି । ପିଏମ-କିସାନ ଯୋଜନାରେ ଓଡିଶାର ଚାଷୀମାନେ ଲାଭାନ୍ୱିତ ହେଲେ କାଳେ ମୋଦି ସରକାର ନାମ ନେଇଥିବେ ସେହି ଭୟରେ ଓଡିଶା ସରକାର ସଠିକ ତାଲିକା କେନ୍ଦ୍ର ସରକାରଙ୍କୁ ପ୍ରଦାନ କରୁନାହାନ୍ତି ବୋଲି ଶ୍ରୀ ତରାଇ କହିଛନ୍ତି ।ଦୀର୍ଘ ୨୨ ବର୍ଷ ଧରି ଶାସନ କ୍ଷମତାରେ ଥିବା ଶାସକ ବିଜେଡି ୩୫ ପ୍ରତିଶତ ଜମିକୁ ଜଳସେଚନ ପାଇଁ ଦେଇଥିବା ପ୍ରତିଶ୍ରୁତି ଆଜି ପାଣିରେ ଗାର ସଦୃଶ ହୋଇପଡିଛି । ରାଜ୍ୟରେ ଉତ୍କଟ ଧାନ ମଣ୍ଡି ସମସ୍ୟାର ସମାଧାନ ପରିବର୍ତେ ଏହା କ୍ରମାଗତ ବୃଦ୍ଧି ପାଇଚାଲିଛି । ଆବଶ୍ୟକ କୃଷି ଭିତିଭୁମିର ଅଭାବ କାରଣରୁ ଚାଷୀର ଆୟ ବୃଦ୍ଧି ପରିବର୍ତେ ହ୍ରାସ ପାଇଚାଲିଛି ଏବଂ ଏହା ନିଶ୍ଚିତ ଭାବେ ଚିନ୍ତାର ବିଷୟ । ସମଗ୍ର ଦେଶରେ ଲେମ୍ବୁ ଉତ୍ପାଦନରେ ଏକ ନମ୍ବର ରାଜ୍ୟ ବୋଲି ସଦ୍ୟ ସମାପ୍ତ ବିଧାନସଭା ଅଧିବେସନରେ କୃଷିମନ୍ତ୍ରୀଙ୍କ ବକ୍ତବ୍ୟ ପରେ ଆଜି ରାଜ୍ୟରେ ଗୋଟିଏ ଲେମ୍ବୁର ମୂଲ୍ୟ ୧୦ ଟଙ୍କାରେ ପହଂଚିଛି । ତେଣୁ ରାଜ୍ୟ ସରକାର ନିଜ ଚାଷୀମାରଣ ନୀତି ମାନସିକତାକୁ ପରିତ୍ୟାଗ କରି ଚାଷୀକୁଳର ହିତ ପାଇଁ କେନ୍ଦ୍ରୀୟ ଯୋଜନାର ସଫଳ ଭାବେ କାର୍ଯ୍ୟାନ୍ୱୟନ କରନ୍ତୁ । କାଳବିଳମ୍ବ ନକରି ଯଥାଶୀଘ୍ର ସଠିକ ଓ ନିର୍ଭୁଲ ଚାଷୀ ତାଲିକା କେନ୍ଦ୍ର ସରକାରଙ୍କ ନିକଟରେ ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କୁ ଶ୍ରୀ ତରାଇ ପରାମର୍ଶ ଦେଇଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ବିଜେପି ସମବାୟ ସେଲ ରାଜ୍ୟ ସଂଯୋଜକ ପବିତ୍ର ଦାଶ ଏବଂ ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର୍ ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ରାସ୍ତାକଡରେ ପଡିଥିବା ବସ୍ତାରୁ ବାହାରିଲା ଯୁବକଙ୍କ ମୃତଦେହ

ସୁନ୍ଦରଗଡ ,୧୦।୪(ପି.ଏନ): ସୁନ୍ଦରଗଡ ଜିଲ୍ଲା ବଡ଼ଗାଁ ଥାନା ଗରିଆମାଲ ନିକଟ ୧୦ ନମ୍ବର ରାଜ୍ୟ ରାଜପଥ କଡ଼ରେ ଏକ ପ୍ଲାଷ୍ଟିକ ବସ୍ତା ପଡିଥିବା ବେଳେ ତା’ ଭିତରୁ ଜଣେ ଯୁବକଙ୍କ ଅର୍ଦ୍ଧ ଗଳିତ ମୃତଦେହ ଜବତ କରାଯାଇଛି । ମୃତ ଯୁବକ ଜଣଙ୍କ କିଏ ଜଣାପଡି ନାହିଁ । ପୁଲିସ୍ ଘଟଣାର ତଦନ୍ତ କରୁଛି ।

## ରାମଚନ୍ଦ୍ର ମହାନ୍ତ ପାଇବେ ଭାରତରତ୍ନ ଡ.ରାଧାକୃଷ୍ଣନ୍ ଗୋଲ୍ଡ ମେଡାଲ ଆୱାର୍ଡ

ଭୁବନେଶ୍ୱର, ୧୦।୪(ପି.ଏନ): ସାହିତ୍ୟିକ, ଗବେଷକ ଓ ସମାଜସେବୀ ରାମଚନ୍ଦ୍ର ମହାନ୍ତ ‘ଭାରତରତ୍ନ ଡକ୍ଟର ରାଧାକୃଷ୍ଣନ୍ ଗୋଲ୍ଡ ମେଡାଲ ଆୱାର୍ଡ‘ ପାଇବାକୁ ମନୋନୀତ ହୋଇଛନ୍ତି ।ସାହିତ୍ୟ ସାଧନା, ଗବେଷଣା ସହିତ ସମାଜସେବା କ୍ଷେତ୍ରରେ ନିଜକୁ ଆଜୀବନ ନିୟୋଜିତ କରିଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ । ନୂଆଦିଲ୍ଲୀ ସ୍ଥିତ ‘ଗ୍ଲୋବାଲ ଇକୋନୋମିକ ପ୍ରୋଗ୍ରେସ ଆଣ୍ଡ ରିସର୍ଚ୍ଚ ଆସୋସିଏସନ‘ ତରଫରୁ ବାଙ୍ଗାଲୋରର ଶେଶାଦ୍ରୀ ରୋଡରେ ଥିବା ସାଙ୍କଟମ୍ ହୋଟେଲଠାରେ ଆୟୋଜିତ ଏକ କନଫରେନ୍ସରେ କେତେକ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଜଣାଇ ଦିଆଯାଇଛି । ଏହି ଖବର ପାଇବା ପରେ ଶ୍ରୀ ମହାନ୍ତଙ୍କ ପରିବାର ଓ ବନ୍ଧୁବର୍ଗଙ୍କ ସମେତ ସେ ଜଡିତ ଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଗଣ ଆନନ୍ଦ ପ୍ରକାଶ କରିଛନ୍ତି । ‘ଭୂମିପୁତ୍ର ସାରସ୍ୱତ ସମ୍ମାନ‘, ‘ଭାରତରତ୍ନ ମଦର ଟେରେସା ଗୋଲ୍ଡମେଡାଲ ସମ୍ମାନ‘, ‘ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନ‘, ‘ ସାହିତ୍ୟରତ୍ନ ସମ୍ମାନ ‘, ‘କଳିଙ୍ଗ ପୁସ୍ତକମେଳା ସମ୍ମାନ‘, ‘ବିଶିଷ୍ଟ ସମାଜସେବୀ ସମ୍ମାନ‘, ‘ନବସୃଜନ କଳା ପ୍ରବୀଣ ଆୱାର୍ଡ‘ ଇତ୍ୟାଦି ଅନେକ ସମ୍ମାନରେ ସମ୍ମାନିତ ଶ୍ରୀ ମହାନ୍ତ ଭୁବନେଶ୍ୱର ଏ ଜି ଅଫିସର ଜଣେ ଅବସରପ୍ରାପ୍ତ କର୍ମଚାରୀ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ଚିତ୍ରଡା ଗ୍ରାମର ବାସିନ୍ଦା ଅଟନ୍ତି । ଭୁବନେଶ୍ୱରର ଗଜପତି ନଗର ତଥା ମୟୂରଭଞ୍ଜର ବାରିପଦା ଠାରେ ମଧ୍ୟ ତାଙ୍କର ନିଜସ୍ୱ ବାସସ୍ଥାନ ରହିଛି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ଯୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ଯୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।




# ରାଜଧାନୀରେ ବସ୍ତିର ଇତିବୃତ୍ତି



ରାଜଧାନୀ ଭୁବନେଶ୍ୱର ଏବେ ଓଡ଼ିଶାବାସୀଙ୍କ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ପାଲଟିଛି। ସେଥିପାଇଁ ପ୍ରତିବର୍ଷ ଭୁବନେଶ୍ୱରରେ ଲୋକସଂଖ୍ୟା ହୁ ହୁ ହୋଇ ବୃଦ୍ଧି ପାଇବାରେ ଲାଗିଛି। ଏକ ତଥ୍ୟରୁ ଜଣାପଡିଛି ଯେ, ୨୦୧୯ ମସିହାରେ ଭୁବନେଶ୍ୱରରେ ଲୋକସଂଖ୍ୟା ୧୧ ଲକ୍ଷ ୩୧ ହଜାର ଥିବାବେଳେ ୨୦୨୦ରେ ୧୧ ଲକ୍ଷ ୬୩ ହଜାର, ୨୦୨୧ରେ ୧୧ ଲକ୍ଷ ୯୪ ହଜାର ଏବଂ ୨୦୨୨ରେ ଏହା ୧୨ ଲକ୍ଷ ୨୬ ହଜାରକୁ ବୃଦ୍ଧି ପାଇଛି। ଏବେ ଭୁବନେଶ୍ୱର ସ୍ମାର୍ଟସିଟିରେ ପରିଣତ ହେବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ପର୍ବ ମଧ୍ୟ ଶେଷ ସୋପାନରେ ପହଞ୍ଚିଛି। ରାସ୍ତାର ପ୍ରଶସ୍ତିକରଣ ଓ ସୌନ୍ଦର୍ଯ୍ୟକରଣ, ବସ୍ତି ଉଚ୍ଛେଦ ଅଭିଯାନ ଜାରି ରହିଛି। ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ମାନ୍ୟତା ପାଇବା ପୂର୍ବରୁ ଏହି ସହର ଘଞ୍ଚ ଜଙ୍ଗଲରେ ପରିଣତ ଥିଲା, ଲୋକସଂଖ୍ୟା ମଧ୍ୟ କମ୍ ଥିଲା। ଲୋକମାନେ ଦିନରେ ଯିବାକୁ ଭୟ କରୁଥିଲେ। ସେତେବେଳେ ରାଜଧାନୀରେ ବସ୍ତି ମଧ୍ୟ ନଥିଲା କି ବର୍ତ୍ତମାନ ଭଳି ଏତେ ସଂଖ୍ୟକ ଘର ନଥିଲା। କାଁ ଭାଁ ଯେଉଁଠି ଘର ଥିଲା, ସେହି ଘରୁ ଚୋରି ମଧ୍ୟ ହେଉଥିଲା। ବାଧ୍ୟ ହୋଇ ଘର ମାଲିକମାନେ ଚୋର ଦାଉରୁ ରକ୍ଷା ପାଇବା ପାଇଁ ଭୁବନେଶ୍ୱରକୁ ଆସୁଥିବା ଲୋକମାନଙ୍କୁ ମାଗଣାରେ ଭଡ଼ାରେ ରଖୁଥିଲେ। ହେଲେ ୧୯୪୮ ମସିହା ଏପ୍ରିଲ ମାସ ୧୩ ତାରିଖରେ ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ମାନ୍ୟତା ପାଇବା ପରେ ଏହାର ରୂପରେଖ ବଦଳି ଯାଇଛି ଓ ପରବର୍ତ୍ତୀ ସମୟରେ ଭାରତରେ ଭୁବନେଶ୍ୱର ଏକ ପ୍ରମୁଖ ସହର ଭାବେ ପରିଗଣିତ ହୋଇଛି। ଏବେ ଭୁବନେଶ୍ୱରରେ ଗୋଟେ ଘରଭଡ଼ା ନେଇ ରହିବାକୁ ହେଲେ ସାରା ସହର ବୁଲିଆସିଲେ ମଧ୍ୟ ଘରଭଡ଼ା ମିଳିବା କଷ୍ଟସାଧ୍ୟ ହୋଇପଡ଼ିଛି।

ଭୁବନେଶ୍ୱର ରାଜଧାନୀର ମାନ୍ୟତା ପାଇବାର ବହୁବର୍ଷ ପୂର୍ବରୁ ଜଣେ ଇଞ୍ଜିନିୟରଙ୍କର ଭୁବନେଶ୍ୱରକୁ ବଦଳି ହୋଇଥିଲା। ସେ ଭୁବନେଶ୍ୱରରେ ଯୋଗଦେବା ପରେ ତାଙ୍କୁ ଏକ ସରକାରୀ ଘର ମଧ୍ୟ ମିଳିଗଲା ଏବଂ ସେ ନିଜର ପରିବାର ସହିତ ସେହି ସରକାରୀ ଘରେ ରହିଲେ। ନିଜ ସରକାରୀ ଘରେ ରୋଷେଇବାସ ତଥା ଅନ୍ୟାନ୍ୟ ଘରୋଇ କାମ କରିବା ପାଇଁ ଇଞ୍ଜିନିୟର ଜଣଙ୍କ ନିଜ ଗାଁରୁ ଜଣେ ସ୍ତ୍ରୀଲୋକଙ୍କୁ ସାଙ୍ଗରେ ଆଣିଲେ ଏବଂ ସ୍ତ୍ରୀ ଲୋକଟି ରହିବା ପାଇଁ ସରକାରୀ ଘର ନିକଟରେ ଥିବା ଏକ ବିସ୍ତୀର୍ଣ୍ଣ ପଡ଼ିଆରେ ଗୋଟିଏ କୁଡ଼ିଆ ଘର ତିଆରି କଲେ। ସ୍ତ୍ରୀ ଲୋକଟି ଦିନରେ ଇଞ୍ଜିନିୟରଙ୍କ ଘରେ କାମ କରେ ଏବଂ ରାତିରେ ସେହି କୁଡ଼ିଆ ଘରେ ବିଶ୍ରାମ ନିଏ। ସ୍ତ୍ରୀଲୋକଟି କୁଡ଼ିଆ ଘରେ ଏକୁଟିଆ ଅସୁରକ୍ଷିତ ମନେ କରିବାରୁ ନିଜ ସ୍ୱାମୀଙ୍କ ସହିତ ସେହି କୁଡ଼ିଆ ଘରେ ରହିବା ପାଇଁ ଇଞ୍ଜିନିୟରବାବୁଙ୍କୁ ଅନୁରୋଧ କଲେ। ସ୍ତ୍ରୀ ଲୋକଟିର ଅନୁରୋଧ ରକ୍ଷା କରି ତାଙ୍କ ସ୍ୱାମୀଙ୍କୁ ମଧ୍ୟ ଭୁବନେଶ୍ୱରକୁ ନେଇଆସିଲେ। ସ୍ୱାମୀ ସ୍ତ୍ରୀ କିଛିଦିନ ରହିବା ପରେ, ତାଙ୍କ ସ୍ୱାମୀ ଜଣେ ଗୋପାଳକ ହୋଇଥିବାରୁ ଗାଁରୁ ଦୁଇଟି ଗାଈ ଭୁବନେଶ୍ୱର ଆଣିଲେ ଏବଂ କୁଡ଼ିଆ ଘର ପାଖକୁ ଲାଗି ଆଉ ଏକ ଘର ତିଆରି କଲେ। ସେହି ଘରେ ଗାଈ ଦୁଇଟିକୁ ରଖିଲେ। ସକାଳେ ଏବଂ ସନ୍ଧ୍ୟାରେ ଗୋପାଳକ ଜଣକ ଇଞ୍ଜିନିୟରଙ୍କ ଘରେ କ୍ଷୀର ଦେବା ସହିତ ପାଖ ସରକାରୀ ଘରେ ରହୁଥିବା ଲୋକମାନଙ୍କୁ ମଧ୍ୟ କ୍ଷୀର ଦେବା ଆରମ୍ଭ କଲେ। ଘରୋଇ ଗାଈ ଏବଂ ଦେଶୀ କ୍ଷୀର ହୋଇଥିବାରୁ, ରାଜଧାନୀର ବହୁ ଇଞ୍ଜିନିୟର, ଅଫିସର ଓ ଧନୀ ଘରର ଲୋକମାନେ ଗୋପାଳଙ୍କଠାରୁ କ୍ଷୀର ନେବା ପାଇଁ ଆଗ୍ରହ ପ୍ରକାଶ କଲେ। ଏହାର କିଛିଦିନ ପରେ





ଗୋପାଳକ ଜଣକ ଗାଁରୁ ଆଉ ଚାରୋଟି ଗାଈ ଆଣିଲେ ଏବଂ ଗାଈଗୁଡ଼ିକର ଦେଖାଶୁଣା କରିବା ପାଇଁ ଗାଁରୁ ତାଙ୍କ ଦୁଇଭାଇଙ୍କୁ ମଧ୍ୟ ସାଙ୍ଗରେ ଆଣିଲେ। ସେମାନଙ୍କ ରହିବା ପାଇଁ ସେଠାରେ ଆଉ ଦୁଇଟି ଘର ମଧ୍ୟ ତିଆରି କଲେ। ଗୋପାଳକ ଏବଂ ତାଙ୍କ ଭାଇମାନେ ସେଠାରେ ରହି କ୍ଷୀର ବ୍ୟବସାୟ ଆରମ୍ଭ କଲେ ଏବଂ ରାଜଧାନୀର ବିଭିନ୍ନ ଅଞ୍ଚଳ ବୁଲି ସରକାରୀ ବାସଭବନ ଏବଂ ସ୍ଥାନୀୟ ଲୋକମାନଙ୍କ ଘରେ କ୍ଷୀର ଦେବା ଆରମ୍ଭ କଲେ। ଧୀରେ ଧୀରେ ରାଜଧାନୀରେ ଲୋକସଂଖ୍ୟା ବଢିବାକୁ ଲାଗିଲା। ସେହି ଅନୁପାତରେ ଗୋପାଳକ ଜଣଙ୍କ କ୍ଷୀର ଯୋଗାଇପାରିଲେ ନାହିଁ। ତାଙ୍କ କୁଡ଼ିଆ ଘର ନିକଟରେ ସକାଳେ ଓ ସନ୍ଧ୍ୟାରେ କ୍ଷୀର ନେବା ପାଇଁ ଲୋକ ଲମ୍ବା ଧାଡ଼ି ଲଗିଲା। ବାଧ୍ୟ ହୋଇ ଗୋପାଳକ ଜଣଙ୍କ ତାଙ୍କ ଦୁଇ ଶଳା ଓ ଶଳାଭାଉଜଙ୍କୁ ଭୁବନେଶ୍ୱର ନେଇ ଆସିଲେ ଏବଂ ସାଙ୍ଗରେ ଆଉ ୫ଟି ଗାଈ ମଧ୍ୟ ଆଣିଲେ। ସେମାନଙ୍କ ପାଇଁ ମଧ୍ୟ ଘରର ବନ୍ଦୋବସ୍ତ କରାଗଲା ଏବଂ ସେଠାରେ ଏକ ଛୋଟ ବସ୍ତି ଗଢିଉଠିଲା। ସେହି ବସ୍ତିରେ ସେମାନେ ରହି କ୍ଷୀର ବ୍ୟବସାୟ ଆରମ୍ଭ କଲେ। ଏହାର କିଛି ବର୍ଷ ପରେ ଇଞ୍ଜିନିୟର ବାବୁ ଜଣଙ୍କ ଚାକିରୀରୁ ଅବସର ନେଲେ ଓ ସରକାରୀ ବାସଭବନଟିକୁ ଛାଡ଼ି ଅନ୍ୟତ୍ର ଚାଲିଗଲେ ଏବଂ ଆଉ ଜଣେ ନୂଆ ଅଫିସର ତାଙ୍କ ପରିବାର ସହିତ ସେହି ସରକାରୀ ଘରେ ରହିଲେ। ମାତ୍ର ଗୋପାଳକମାନଙ୍କର ଛୋଟ ବସ୍ତିଟି ସେହିଠାରେ ହିଁ ରହିଥିଲା। ଧୀରେ ଧୀରେ ସେ ଅଞ୍ଚଳଟି ଗୋପାଳକ-ମାନଙ୍କର ଏକ ଛୋଟ ସାମ୍ରାଜ୍ୟରେ ପରିଣତ ହେଲା ଏବଂ ରାଜଧାନୀରେ ବସ୍ତିର ମୂଳଦୁଆ ପ୍ରତିଷ୍ଠା ହେଲା।

ସେହିପରି ଆଉ ଜଣେ ପ୍ରଶାସନିକ ଅଧିକାରୀ ଭୁବନେଶ୍ୱରରେ ନିଜର ନୂତନ ଗୃହ ନିର୍ମାଣ କରୁଥିବା ସମୟରେ କିଛି ଶ୍ରମିକ ଶ୍ରେଣୀର ଲୋକ ତାଙ୍କ ଗୃହକାର୍ଯ୍ୟରେ ନିୟୋଜିତ ଥିଲେ। ପ୍ରଶାସନିକ ଅଧିକାରୀ ଜଣକ ସରଳ ଓ ମେଳାପୀ ପ୍ରକୃତିର ଥିବାରୁ ଗୃହକାର୍ଯ୍ୟରେ ନିୟୋଜିତ ଥିବା ଦୁଇଜଣ ଶ୍ରମିକଙ୍କର ପ୍ରଶାସନିକ ଅଧିକାରୀଙ୍କ ସହିତ ଘନିଷ୍ଠତା ବୃଦ୍ଧି ପାଇଥିଲା। ସରକାରୀ ଜାଗାଟିଏ ହାତେଇବା ପାଇଁ ସେମାନେ ଧାର୍ଯ୍ୟ ସମୟ ଠାରୁ ଢେର ଅଧିକ ସମୟ ପ୍ରଶାସନିକ ଗୃହ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ। ଗୃହକାର୍ଯ୍ୟ ଶେଷ ହେବା ପରେ ଧୂର୍ତ୍ତ ଶ୍ରମିକ ଦୁଇଜଣ ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ଭୁବନେଶ୍ୱରରେ ଦୁଇଟି ସରକାରୀ ଜାଗାକୁ ନିଜ ନିଜ ନାମରେ କରାଇ ନେଇଥିଲେ। ପରବର୍ତ୍ତୀ ସମୟରେ ଶ୍ରମିକ ଦୁଇଜଣ ନିଜ ଜାଗାରେ ଘରକରି ନିଜେ ରହିଲେ ଏବଂ ଭଡ଼ାରେ ମଧ୍ୟ ଲଗାଇଲେ। ଏହିପରି ଭାବରେ ଭୁବନେଶ୍ୱରରେ ବସ୍ତିସଂଖ୍ୟା ଏବଂ ବେସରକାରୀ ଘର ସଂଖ୍ୟା ବୃଦ୍ଧି ପାଇଲା। ଅର୍ଥ ରୋଜଗାର ଅନ୍ୱେଷଣରେ ଭୁବନେଶ୍ୱରକୁ ଆସୁଥିବା ଲୋକମାନେ କିଛିଦିନ ବେସରକାରୀ ଘରେ ଭଡ଼ାରେ ରହିଲା ପରେ ସେମାନେ ଖାଲି ପଡ଼ିଥିବା ସରକାରୀ ଜାଗାକୁ ଅକ୍ତିଆର କରି ଖଣ୍ଡିଏ ଖଣ୍ଡିଏ ଘର କରିବା ଫଳରେ ବସ୍ତି ସଂଖ୍ୟାରେ ବୃଦ୍ଧି ଘଟିଲା। ସରକାରୀ ତଥ୍ୟ ଅନୁସାରେ ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରରେ ୪୩୬ଟି ବସ୍ତି ଥିବାବେଳେ ବେସରକାରୀ ଭାବେ ଏହା ୫୪୦କୁ ବୃଦ୍ଧି ପାଇଛି। ସେହିପରି ଭୁବନେଶ୍ୱରର ରାସ୍ତାକଡ଼ରେ ଥିବା ଅଧିକାଂଶ ଦୋକାନ ସରକାରୀ ଜମିରେ ନିର୍ମିତ।

ରାଜଧାନୀରେ ମାତ୍ରାଧିକ ବସ୍ତିସଂଖ୍ୟା ବୃଦ୍ଧି ପାଉଥିବାରୁ ରାଜଧାନୀବାସୀ ଓ ରାଜ୍ୟ ସରକାର ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ତରଫରୁ କମ୍ ଜାଗାରେ ବହୁତଳ ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ କରି ସେଥିରେ ବସ୍ତିବାସିନ୍ଦାମାନଙ୍କୁ ଥଇଥାନ କରିବାକୁ ଯୋଜନା ପ୍ରସ୍ତୁତ କରି ଯେତେବେଳେ ବସ୍ତିଗୁଡ଼ିକ ଉଚ୍ଛେଦ କରିବାକୁ ଯାଉଛନ୍ତି, ସେତେବେଳେ ବସ୍ତିବାସିନ୍ଦାମାନେ ବସ୍ତି ଉଚ୍ଛେଦକୁ ବିରୋଧ କରୁଛନ୍ତି ଏବଂ ଉଚ୍ଛେଦକାରୀଙ୍କୁ ଆକ୍ରମଣ କରିବାକୁ ମଧ୍ୟ ପଛାଉନାହାଁନ୍ତି। ଫଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଏସବୁ ସତ୍ତ୍ୱେ ବସ୍ତିବାସିନ୍ଦାଙ୍କ ଦାବିକୁ ସହୃଦୟତାର ସହିତ ଗ୍ରହଣ କରି ରାଜଧାନୀ ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ୩୦ ବର୍ଗଫୁଟ ଜମି ଯୋଗାଇଦେବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉକ୍ତ ଇଞ୍ଜିନିୟର ଜଣଙ୍କ ନିଜ ଘରେ କାମ କରିବାକୁ ଆଣିଥିବା ସ୍ତ୍ରୀଲୋକଟିକୁ ଯଦି ସେହି ପଡ଼ିଆରେ ଘର କରି ରହିବାକୁ ସୁଯୋଗ ଦେଇନଥାନ୍ତେ, ତେବେ ହୁଏତ ଭୁବନେଶ୍ୱରରେ ବସ୍ତିଗୁଡ଼ିକ ଜନ୍ମ ନେଇନଥାନ୍ତା କି ଲୋକମାନେ ସରକାରୀ ଜାଗାରେ ଘର କରି ସ୍ଥାୟୀ ଜମି ପଟ୍ଟା ପାଇଁ ସରକାରଙ୍କ ନିକଟରେ ଦାବି କରିନଥାନ୍ତେ। ବର୍ତ୍ତମାନ ଯେଉଁ ହାରରେ ଭୁବନେଶ୍ୱରରେ ବସ୍ତିସଂଖ୍ୟା ବୃଦ୍ଧି ପାଉଛି, ଆଗାମୀ ୨୦ ବର୍ଷ ମଧ୍ୟରେ ଭୁବନେଶ୍ୱର କେବଳ ବସ୍ତିମୟ ହୋଇଉଠିବ। ଭୁବନେଶ୍ୱରରେ ଘରଭଡ଼ା ନେଇ ରହିବା ସାଧାରଣ ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଯିବ, ଏଥିରେ କୌଣସି ସନ୍ଦେହ ନାହିଁ।

**ସୁବାଷ କୁମାର ତାରଣିଆଁ**
*କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର, ମୋ: ୮୩୨୮୮୪୦୨୧୪*

# ପତ୍ନୀଙ୍କ ତିରସ୍କାରରୁ ରାମଚରିତ ରଚନା

ତୁଳସୀ ଦାସଙ୍କର ରାମଚରିତ ମାନସ ରଚନା ପ୍ରସଙ୍ଗରେ ଗୋଟିଏ ସୁନ୍ଦର କାହାଣି ରହିଛି। ସଂବତ୍ ୧୫୮୩ ଜ୍ୟେଷ୍ଠ ଶୁକ୍ଳପକ୍ଷ ତ୍ରୟୋଦଶୀ ଗୁରୁବାର ଦିନ ଭରଦ୍ୱାଜ ଗୋତ୍ରୀୟା ଏକ ସୁନ୍ଦରୀ କନ୍ୟା ରତ୍ନାବଳୀଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହୋଇଗଲା। ନବବିବାହିତା ପତ୍ନୀଙ୍କ ସହିତ ସେ ସୁଖରେ କାଳାତିପାତ କରିବାକୁ ଲାଗିଲେ। ଥରେ ତାଙ୍କ ପତ୍ନୀ ନିଜ ଭାଇ ସହିତ ବାପଘରକୁ ଚାଲିଗଲେ। ତାଙ୍କ ପଛେ ପଛେ ତୁଳସୀ ଦାସ ମଧ୍ୟ ଯାଇ ଶ୍ୱଶୁରଘରେ ପହଞ୍ଚିଗଲେ। ପତିଙ୍କର ଏପରି ଆସକ୍ତି ଦେଖି ପତ୍ନୀ ତାଙ୍କୁ ବହୁ ଧିକ୍କାର କଲେ, କହିଲେ ମୋର ଏହି ଅସ୍ଥିମାଂସମୟ ଶରୀର ପ୍ରତି ତୁମର ଯେତିକି ଆସକ୍ତି ରହିଛି ତହିଁର ଅଧା ଯଦି ଭଗବାନ ଶ୍ରୀରାମଙ୍କ ଠାରେ ରହିଥାନ୍ତା, ତାହେଲେ ତୁମର



ଭବସାଗର ପାରି ହୋଇଯାଆନ୍ତା। ପତ୍ନୀଙ୍କର ସେହି ବଚନ ତୁଳସୀ ଦାସଙ୍କ ହୃଦୟରେ ଗଭୀର ରେଖାପାତ କଲା। ସେ ଆଉ ଗୋଟିଏ ମୁହୂର୍ତ୍ତ ମଧ୍ୟ ଅପେକ୍ଷା ନକରି ଫେରିଆସିଲେ। ସେଠାରୁ ପ୍ରୟାଗ ଯାତ୍ରାକଲେ। ପ୍ରୟାଗରେ ଗୃହସ୍ଥବେଶ ପରିତ୍ୟାଗ କରି ସେ ସାଧୁବେଶ ଧାରଣ କଲେ ଏବଂ ତୀର୍ଥାଟନ କରୁ କରୁ ଆସି ପୁଣିଥରେ କାଶୀରେ ପହଞ୍ଚିଗଲେ। ମାନସରୋବର ନିକଟରେ ସେ କାକଭୁଶୁଣ୍ଡିଙ୍କର ଦର୍ଶନ ଲାଭ କଲେ। କାଶୀରେ ରହି ତୁଳସୀ ଦାସ ରାମକଥା କହିବାକୁ ଲାଗିଲେ। ସେଠାରେ ବାସ କରୁଥିବାବେଳେ ସେ ପ୍ରତ୍ୟହ ସନ୍ଧ୍ୟା ଉପାସନାଦି କରିସାରି ପୂଜାଜଳକୁ ନେଇ ଗୋଟିଏ ବଡ଼ ଗଛମୂଳେ ଢ଼ାଳି ଦେଉଥିଲେ। ସେହି ଗଛରେ ଗୋଟିଏ ପ୍ରେତ ରହୁଥାଏ। ପ୍ରତିଦିନ ପୂଜାଜଳାଦି ପାଇ ସେ ମୋକ୍ଷ ପାଇଗଲା। ଏଥିରେ ସନ୍ତୁଷ୍ଟ ହୋଇ ସେ ତୁଳସୀ ଦାସଙ୍କୁ ଦେଖାଦେଇ କହିଲା, ଆପଣ ମୋତେ ବହୁ କୃପାକଲେ। ମୋତେ କିଛି ବର ମାଗନ୍ତୁ। ତୁଳସୀ ଦାସ ଶ୍ରୀରାମଙ୍କ ଦର୍ଶନ ଅଭିଳାଷ ଜଣାଇଲେ। କିନ୍ତୁ ପ୍ରେତ କହିଲା 'ମୁଁ ପ୍ରଭୁଙ୍କୁ ଦେଖାଇପାରିବି ନାହିଁ, ହନୁମାନଙ୍କୁ ଦେଖାଇଦେବି।' ମନେରଖନ୍ତୁ ହନୁମାନ ଆପଣଙ୍କ ସତ୍‌ସଙ୍ଗରେ ପ୍ରତିଦିନ ଆସୁଛନ୍ତି। ତାଙ୍କୁ ପ୍ରାର୍ଥନା କଲେ, ସେ ପ୍ରଭୁଙ୍କୁ ଦେଖାଇଦେବେ, କିନ୍ତୁ ତୁଳସୀ ଦାସ ସତ୍‌ସଙ୍ଗରେ ହନୁମାନଙ୍କୁ ଦେଖିପାରିଲେ ନାହିଁ। ସେ ପ୍ରେତ ପାଖକୁ ଆସି ନିଜ ଦୁଃଖ ଜଣାଇଲେ। ପ୍ରେତ କହିଲା, ସତ୍‌ସଙ୍ଗ ଆରମ୍ଭ ହେବାବେଳକୁ ଜଣେ ବୃଦ୍ଧ ବ୍ରାହ୍ମଣ ଆସୁଛନ୍ତି। ସତ୍‌ସଙ୍ଗ ଶେଷରେ ସମସ୍ତେ ଯିବା ପରେ ସେ ଫେରୁଛନ୍ତି। ସେ ହିଁ ହନୁମାନ। ତାପରଦିନ ତୁଳସୀ ଦାସ ସେହି ବୃଦ୍ଧ ବ୍ରାହ୍ମଣଙ୍କୁ ଦେଖି ତାଙ୍କ ପାଦଧରି ସବୁକଥା କହିଲେ ଓ ଶ୍ରୀରାମଙ୍କ ସହିତ ଦେଖା କରାଇଦେବା ନିମନ୍ତେ ତାଙ୍କୁ ପ୍ରାର୍ଥନା କଲେ। ହନୁମାନ କହିଲେ 'ତୁମକୁ ଚିତ୍ରକୁଟଠାରେ ଶ୍ରୀରଘୁନାଥଙ୍କର ଦର୍ଶନ ମିଳିବ।' ଏହାଶୁଣି ତୁଳସୀ ଦାସ ଚିତ୍ରକୁଟ ଗଲେ। ଚିତ୍ରକୁଟରେ ତୁଳସୀ ଦାସ ରାମଘାଟରେ ନିଜର ଆସନ ଜମାଇଲେ। ଦିନେ ସେ କାମଦଗିରି ପରିକ୍ରମା କରିବାକୁ ଯାଉଥାନ୍ତି, ବାଟରେ ତାଙ୍କୁ ଶ୍ରୀରାମଙ୍କ ଦର୍ଶନ ମିଳିଲା। ସେ ଦେଖିଲେ, ଦୁଇଜଣ ସୁନ୍ଦର ରାଜକୁମାର ଧନୁର୍ବାଣ ଧରି ଅଶ୍ୱାରୋହଣ କରିଯାଉଛନ୍ତି। ସେମାନଙ୍କୁ ଦେଖି ତୁଳସୀଦାସ ମୁଗ୍ଧ ହୋଇଗଲେ ସତ କିନ୍ତୁ ଚିହ୍ନିପାରିଲେ ନାହିଁ। ପଛରୁ ହନୁମାନ ଆସି ତାଙ୍କୁ ସମସ୍ତ ରହସ୍ୟ ବୁଝାଇଦେଲେ। ତୁଳସୀ ଦାସ ଅତ୍ୟନ୍ତ ଅନୁତାପ କରିବାରୁ ତାଙ୍କୁ ସାନ୍ତ୍ୱନା ଦେଇ ହନୁମାନ କହିଲେ, ପ୍ରାତଃକାଳରେ ପୁଣି ଥରେ ଶ୍ରୀରାମଙ୍କ ଦର୍ଶନ ମିଳିବ। ସଂବତ୍ ୧୬୦୭ର ମୌନୀ ଅମାବାସ୍ୟା ବୁଧବାର ତାଙ୍କ ସମ୍ମୁଖରେ ଭଗବାନ ଶ୍ରୀରାମ ପୁନର୍ବାର ଆବିର୍ଭୂତ ହେଲେ। ସେ ବାଳକ ରୂପରେ ଆସି ତୁଳସୀ ଦାସଙ୍କୁ କହିଲେ, ବାବା! ଆମକୁ ଚନ୍ଦନ ଦିଅ। କାଳେ ଏଥର ବି ତୁଳସୀ ଦାସ ଚିହ୍ନିପାରିବେ ନାହିଁ ବୋଲି ଭାବି, ହନୁମାନ ଶୁଆରୂପ ଧରି ନିମ୍ନଲିଖିତ ଦୋହାଟି ଗାଇଦେଲେ - ଚିତ୍ରକୁଟ କେ ଘାଟ ପର ଭଇ ସଂତନ କୀ ଭୀର। ତୁଳସୀ ଦାସ ଚନ୍ଦନ ଘିସେଁ ତିଲକ ଦେତ ରଘୁବୀର। ସେହି ଅଦ୍‌ଭୁତ ଛବି ଦେଖି ତୁଳସୀ ଦାସ ଆତ୍ମହରା ହୋଇଗଲେ। ଭଗବାନ ନିଜ ହାତରେ



ଚନ୍ଦନ ନେଇ ନିଜ ଲଲାଟରେ ଲଗାଇଲେ ଏବଂ ତୁଳସୀ ଦାସଙ୍କ ଲଲାଟରେ ମଧ୍ୟ ଲଗାଇଦେଲେ। ତାପରେ ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ। ସଂବତ୍ ୧୬୨୮ରେ ହନୁମାନଙ୍କ ଆଦେଶକ୍ରମେ ତୁଳସୀ ଦାସ ଅଯୋଧ୍ୟା ଆଡ଼କୁ ଚାଲିଲେ। ସେତେବେଳକୁ ପ୍ରୟାଗରେ ମାଘମେଳା ଅନୁଷ୍ଠିତ ହେଉଥାଏ। ସେ ସେଠାରେ କିଛିଦିନ ରହିଲେ। ମେଳାପର୍ବର ଛଅଦିନ ପରେ ଗୋଟିଏ ବରଗଛ ତଳେ ସେ ମୁନି ଭରଦ୍ୱାଜ ଓ ଯାଜ୍ଞବଲ୍‌କ୍ୟଙ୍କର ଦର୍ଶନ ଲାଭ କଲେ। ସେ ନିଜ ଗୁରୁଙ୍କ ମୁଖରୁ ଶୂକରକ୍ଷେତ୍ରରେ ଯେଉଁ ରାମକଥା ଶୁଣିଥିଲେ, ଏଠାରେ ମଧ୍ୟ ସେହି ଚର୍ଚ୍ଚା ଚାଲିଥିଲା। ସେଠାରୁ ସେ କାଶୀ ଚାଲିଆସି ପ୍ରହ୍ଲାଦଘାଟସ୍ଥ ଜଣେ ବ୍ରାହ୍ମଣଙ୍କ ଘରେ ରହିଲେ। ସେଠାରେ ତାଙ୍କ ଭିତରେ କବିତ୍ୱଶକ୍ତି ସ୍ଫୁରଣ ହେଲା। ସେ ସଂସ୍କୃତରେ ପଦ୍ୟ ରଚନା କରିବାକୁ ଲାଗିଲେ, କିନ୍ତୁ ବିସ୍ମୟର କଥା, ସେ ଦିନବେଳା ଯେତେ ପଦ୍ୟ ରଚନା କରୁଥାନ୍ତି, ରାତିରେ ସେସବୁ ଲୋପ ପାଇଯାଉଥାଏ। ଏପରି ଘଟଣା ପ୍ରତିଦିନ ଘଟୁଥାଏ। ଏପରିଭାବେ ଅଷ୍ଟମଦିନ ରାତିରେ ତୁଳସୀ ଦାସଙ୍କୁ ସ୍ୱପ୍ନାଦେଶ ହେଲା। ଭଗବାନ ଶଙ୍କର ସ୍ୱପ୍ନରେ ତାଙ୍କୁ କହିଲେ, ତୁମେ ଲୌକିକ ଭାଷାରେ ପଦ୍ୟ ରଚନା କର। ତୁଳସୀ ଦାସଙ୍କ ନିଦ ଭାଙ୍ଗିଗଲା। ସେ ଉଠି ବସିପଡ଼ିଲେ। ସେତେବେଳେ ଭଗବାନ ଶିବ ଓ ପାର୍ବତୀ ତାଙ୍କ ଆଗରେ ଆବିର୍ଭୂତ ହେଲେ। ତୁଳସୀ ଦାସ ସେମାନଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ। ଭଗବାନ ଶିବ କହିଲେ ତୁମେ ଯାଇ ଅଯୋଧ୍ୟାରେ ରହି ଅବଧି ଭାଷାରେ କାବ୍ୟ ରଚନା କର। ଆମ ଆଶୀର୍ବାଦରେ ତୁମ କବିତା ସାମବେଦସମାନ ଫଳବତୀ ହେବ। ଏତିକି କହି ଗୌରୀଶଙ୍କର ଅନ୍ତର୍ହିତ ହୋଇଗଲେ। ଭଗବାନଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ତୁଳସୀଦାସ ଅଯୋଧ୍ୟା ଚାଲିଆସିଲେ। ଆଜି ପବିତ୍ର ଶ୍ରୀରାମ ନବମୀ ପାଳନ ଅବସରରେ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ପଦାର ବିନ୍ଦରେ ଏତିକି ପ୍ରାର୍ଥନା, ଯେଉଁ କୋଦଣ୍ଡ ଧନୁ ଟଙ୍କାରରେ ତାଙ୍କ ଅବତାରୀ ଜୀବନ ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି, ସେଇ ଧନୁର୍ବାଣ ସମଗ୍ର ବିଶ୍ୱରୁ ଦୁଃଖର ଦାବାନଳକୁ ଦହନ କରୁ। ଜୟ ଶ୍ରୀରାମ।

**ବିପିନବିହାରୀ ରାଉତ**
ଶ୍ରୀବିହାର କଲୋନୀ, କଟକ,
ଦୂରଭାଷ: ୯୪୩୭୬୬୬୪୫୩,
E-mail: bipinrout@rediffmail.com

## ଓମ୍ୱାଡସି ସିଇଓ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବଙ୍କ କେନ୍ଦୁଝରେ ଗସ୍ତ

କେନ୍ଦୁଝର (ଆ.ପ୍ର.): ଓମ୍ୱାଡସି ସିଇଓ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡକ୍ଟର କେ.ମୁର୍ଗେସେନଙ୍କ କେନ୍ଦୁଝର ଜିଲ୍ଲାକୁ ୨ଦିନିଆ ଗସ୍ତରେ ଆସିଛନ୍ତି। ପ୍ରଥମ ଦିନରେ ସ୍ଥାନୀୟ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କାର୍ଯ୍ୟାଳୟ ପରିସରରେ ଓମ୍ୱାଡସି ଅର୍ଥରେ ସିଏକ୍ୟୁଏମଏସ ବୁଲି ଦେଖିଥିଲେ। ସେଠାରେ ବସାଯାଇଥିବା ଡିସପ୍ଲେ ବୋର୍ଡକୁ ସମସ୍ତଙ୍କ ଦୃଶ୍ୟମାନ ହେବା ପାଇଁ ଉଚ୍ଚତା ବଢାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସେ ଓମ୍ୱାଡସି ଅର୍ଥରେ ପଦ୍ମପୁର ସ୍ଥିତ ମେଗା ନର୍ସରୀରେ ଗ୍ରୀନ ବେଲ୍ଟ ପ୍ରୋଜେକ୍ଟ ରେ ଲଗାଯାଇଥିବା ୧୮ ମାସର ଚାରା ବୁଲି ଦେଖିଥିଲେ। ଏହା ପରେ ସଦର ବ୍ଲକ ବୋଦାପଲସା ଗ୍ରାମରେ ଓମ୍ୱାଡସି ଅର୍ଥରେ ଓଡିଶା ଆଦର୍ଶ ବିଦ୍ୟାଳୟର ସ୍କୁଲ ଓ ହଷ୍ଟେଲ ଭିତ୍ତିଭୂମି ନୀରିକ୍ଷଣ କରିଥିଲେ। ଏଠାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ଓମ୍ୱାଡସି ଅର୍ଥରେ ନିର୍ମିତ ଶତାବ୍ଦି କୋଠା ଓ ଷ୍ଟାଫ କ୍ୱାର୍ଟର ବୁଲି ଦେଖିଥିଲେ। ଏହାପରେ କେନ୍ଦୁଝର ପୌରାଞ୍ଚଳର ସିଦ୍ଧମଠରେ ଥିବା ମଡେଲ ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିଥିଲେ। ସେଠାରୁ ସେ ଡିମ୍ବୋ ଗ୍ରାମକୁ ଯାଇ ବଡି ପ୍ରସ୍ତୁତ କ୍ଲଷ୍ଟର ବୁଲି ଦେଖି ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସେ କଲେଜରୋଡ ସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ଗସ୍ତ କରି ସମୀକ୍ଷା କରିବା ସହ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସହିତ ଡିଏଫଓ ଧନରାଜ ଏଚ୍‌ଡି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପୁଷ୍କର ଚନ୍ଦ୍ର ବେହେରା,ପିଡି ଡିଆରଡିଏ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ରବିବାର ଦିନ ଖଣି ଅଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ନୀରିକ୍ଷଣ କରିଛନ୍ତି। ପ୍ରଥମେ ଦେଓଝରେ ସ୍ଥିତ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ପିଲେଟ ପ୍ଲାଣ୍ଟ ପରିଦର୍ଶନ କରି ପ୍ରଦୂଷଣ ନିରାକରଣ ପାଇଁ କଣ ପଦକ୍ଷେପ ନିଆଯାଇଛି ତାହାର ସମୀକ୍ଷା କରିଥିଲେ। ପରେ ପରେ ବିଲେଇପଦାସ୍ଥିତ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟ ଲିଃ ପରିସରରେ ଓମ୍ୱାଡସି ଅନୁଦାନରେ ସିଏକ୍ୟୁଏମଏସ ଦେଖିଥିଲେ। ପରେ ପରେ ମେସର୍ସ ଜେଏସଡ୍ଲୁ ପରିଚାଳିତ ନୂଆଗାଁ ଆଇରନ ଓର ମାଇନ୍ସ ପରିଦର୍ଶନ କରିବା ପରେ ସେଠାରେ ବୃକ୍ଷରୋପଣ କରିଥିଲେ।

## ୧୨ରୁ ଓଡ଼ିଆ ମହୋତ୍ସବ ଓ ଓଡ଼ିଆଣୀ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ

ଭୁବନେଶ୍ୱର (ପିଏନ୍)-ଏକ ଭିନ୍ନତା ଓ ଅନନ୍ୟତାର ସ୍ୱାକ୍ଷର ବହନ କରି ଆୟୋଜିତ ହେଉଥବା ଓଡ଼ିଆ ମହୋତ୍ସବ ଏକ ବାରବର୍ଷ ଅତିକ୍ରମ କରି ତ୍ରୟୋଦଶ ବର୍ଷରେ ପହଞ୍ଚିଛି। ସାଧାରଣତଃ ଉତ୍ସବ ଓ ମହୋତ୍ସବରେ ନୃତ୍ୟ ଗୀତ ଆଦି ମନୋରନକୁ ପ୍ରାଧାନ୍ୟ ମିଳୁଥିବା ବେଳେ ଏହି ଭିନ୍ନତାର ମହୋତ୍ସବ ଓଡ଼ିଆ ପ୍ରଥା,ପରମ୍ପରା,ପରିଚୟ,ଭାଷା ଓ ସଂସ୍କୃତି ଆଧାରିତ ଏକ ନିଆରା ଉତ୍ସବ। ଏହି ଉଦ୍ଦେଶ୍ୟରେ ଏହି ମହୋତ୍ସବର ମୁଖ୍ୟ କାର୍ଯ୍ୟକ୍ରମ ଭାବେ ଅୟୋଜିତ ହୋଇଥାଏ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା। ଓଡ଼ିଆଙ୍କର ନିଛକ ପରିଚୟ ଭାବେ ଓଡ଼ିଆଣୀମାନେ ଯେଉଁଗୁଡିକୁ ପରମ୍ପରା ଓ ପ୍ରଥା ଭାବେ ପାଳନ କରିଆସିଥାଆଁ ସେହି ଗୁଡିକୁ ସଗର୍ବେ ଉପସ୍ଥାପନ କରିବାର ଅବସର ହେଉଛି ଏହି ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା। ତନ୍ମଧ୍ୟରେ ଝୋଟି, ପିଠା, ମୁରୁଜ, ଢଗଢମାଳି, ଶଙ୍ଖଫୁଙ୍କା, ହୁଳହୁଳି, ପୁରାଣ ଆବୃତ୍ତି, ପାରମ୍ପରିକ ସଂଗୀତ, ଓଡ଼ିଆ ଭାଷାଜ୍ଞାନ,ମୁଁ ଓଡ଼ିଆଣୀ ଓ ଓଡ଼ିଆଣୀ ବେଶଭୂଷାକୁ ନେଇ ପରିକଳ୍ପିତ ଏହି ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା। ବିପଦାପନ୍ନ ଓଡ଼ିଆ ଭାଷା,ସଂସ୍କୃତି,ପରମ୍ପରା,ଐତିହ୍ୟ ଓ ସ୍ୱାଭିମାନ ତଥା ଅସ୍ମିତାର ସୁରକ୍ଷା ଓ ସଂପ୍ରସାରଣ ଲକ୍ଷ୍ୟରେ ଆୟୋଜିତ ଏହି ମହୋତ୍ସବ ଚଳିତ ବର୍ଷ ବିଶ୍ୱ ମାତୃଭାଷା ଦିବସରୁ ଆରମ୍ଭ ହେବା ସହ ଓଡ଼ିଆ ମହୋତ୍ସବର ଆକର୍ଷଣୀୟ କାର୍ଯ୍ୟକ୍ରମ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଉତ୍କଳ ଦିବସ ଠାରୁ ଆରମ୍ଭ ହୋଇଛି। ଯାହାକି ଆସ'। ଅପ୍ରେଲ ୧୨,୧୩ ଓ ୧୪ ତିନି ଦିନ ଧରି ପ୍ରତ୍ୟହ ସଂଧ୍ୟା ୬ ଘଟିକାରେ ଏକାମ୍ର ହାଟଠାରେ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବ ସହ ଶେଷ ହେବ। ଏହି ଅବସରରେ ଓଡ଼ିଆ ମହୋତ୍ସବ ସମ୍ମାନ-୨୦୨୨ ଘୋଷଣା କରାଯାଇଥିଲା। ଓଡ଼ିଆ ଭାଷାର ପୁରାତନ ଚଳଚ୍ଚିତ୍ରର ସଂରକ୍ଷଣ ଓ ପ୍ରଦର୍ଶନ ପାଇଁ ଅଭିଯାନରତ ଚଳଚ୍ଚିତ୍ର ଓ ସଂସ୍କୃତି ସମୀକ୍ଷକ ସୂର୍ଯ୍ୟ ଦେଓ, ବିଚ୍ଛିନ୍ନାଞ୍ଚଳ ଝାଡଖଣ୍ଡରେ ଓଡ଼ିଆ ଭାଷା,ସଂସ୍କୃତି ସୁରକ୍ଷା ପାଇଁ ଉଦ୍ୟମରତ କାର୍ତ୍ତିକ କୁମାର ପରିଚ୍ଛା, ଓଡ଼ିଆ ଐତିହ୍ୟ ଓ କିର୍ତ୍ତୀରାଜିର ସୁରକ୍ଷା ତଥା ଗବେଷଣା ପାଇଁ ଅରୁଣ କୁମାର ନାୟକଙ୍କୁ ଓଡ଼ିଆ ମହୋତ୍ସବ ସମ୍ମାନ-୨୦୨୨ରେ ଓଡ଼ିଆ ନୂଆବର୍ଷ ସଂଧାରେ ସମ୍ବର୍ଦ୍ଧିତ କରାଯିବ। ପ୍ରତ୍ୟହ ସଂଧାରେ ଏକାମ୍ର ହାଟଠାରେ ଓଡ଼ିଆ ଭାଷା,ସଂସ୍କୃତି,ପରମ୍ପରା,ଐତିହ୍ୟ ପ୍ରେମୀ ଓଡ଼ିଆ ଭାବେ ଉପସ୍ଥିତ ରହି ଏହି ଅଭିଯାନକୁ ଉତ୍ସାହିତ କରିବା ପାଇଁ ସଂଭାବନା ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ସଂଭାବନାର ସଂପାଦକ ତଥା ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା,ସଂଗୀତ ଶିଳ୍ପୀ ଛନ୍ଦା ମିଶ୍ର,୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ରଶ୍ମି ସାହୁ, ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆଣୀ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ବିଦୁଲତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ହୃଦ୍‌ଘାତରେ କ୍ରାଇମ ବ୍ରାଞ୍ଚ ଅଧିକାରୀଙ୍କ ପରଲୋକ



ଫୁଲନଖରା (ପିଏନ୍)-କଟକ କ୍ରାଇମ ବ୍ରାଞ୍ଚରେ ଏଏସଆଇ ଭାବେ କାର୍ଯ୍ୟରତ ଶଙ୍ଖତ୍ରାସ ଅଞ୍ଚଳର ଆଶୁତୋଷ ନନ୍ଦଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୮ବର୍ଷ ବୟସ ହୋଇଥିଲା। ସେ ଶଙ୍ଖତ୍ରାସ ଅଞ୍ଚଳରେ ଜଣେ ଦକ୍ଷ ଫୁଟବଲ ଖେଳାଳିଭାବେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ଭାଇ ଡାକ୍ତର ଅରବିନ୍ଦ ନନ୍ଦଙ୍କ ସହିତ ଭାଉଜ, ସାନଭାଇ, ଭାଇବୋହୂ, ପୁତୁରା, ଝିଆରୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଏହି ଖବର ପାଇ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ସଦର ଆଇଆଇସି ସୁଧାଂଶୁ ଜେନା, ଆଇନଜୀବୀ ଉମାକାନ୍ତ ନନ୍ଦ, ପ୍ରଦ୍ୟୁମ୍ନ କୁମାର ପତି, ଚନ୍ଦ୍ରମଣି ପ୍ରଧାନ, ଡଃ. ଶରତ କୁମାର ରଥ, ଶ୍ରୀ ସନ୍ନ୍ୟାସୀ ଜୀ, ସୁରେନ୍ଦ୍ରନାଥ ଛୋଟରାୟ, ସରପଞ୍ଚ ଗାୟତ୍ରୀ ପରିଡ଼ା, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ଲଳିତକୁମାର ଦାଶ, ଆଶାଲତା ବେହେରା, ନିହାରରଂଜନ ନନ୍ଦ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ପାର୍ଥିବ ଶରୀରକୁ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା; ପୁତୁରା ଅସିତକୁମାର ନନ୍ଦ ମୁଖାଗ୍ନି ଦେଇଥିଲେ। ଏହି ଦୁଃଖଦ ଘଟଣାରେ ଶଙ୍ଖତ୍ରାସ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଖଣ୍ଡପଡା ଏନଏସି ୮ଟି ୱାର୍ଡରୁ ବିଜେଡି,ଗୋଟିଏରୁ ବିଜେପି ଓ ୪ରୁ ସ୍ୱାଧୀନ ପ୍ରାର୍ଥୀ ବିଜୟୀ

ଖଣ୍ଡପଡା (ପିଏନ୍): ଖଣ୍ଡପଡା ବିଜ୍ଞାପିତ ଅଂଚଳ ପରିଷଦ ପାଇଁ ଅନୁଷ୍ଠିତ ନିର୍ବାଚନର ଫଳାଫଳ ଘୋଷିତ ହୋଇଛି। ୧୩ଟି ୱାର୍ଡକୁ ନେଇ ଗଠିତ ଖଣ୍ଡପଡା ବିଜ୍ଞାପିତ ଅଂଚଳ ପରିଷଦର ୧୨ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀନି ବିମଳା ପ୍ରଧାନ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ବେଳେ ବାକି ୭ଟି ୱାର୍ଡରେ ବିଜେଡି ପ୍ରାର୍ଥୀ/ପ୍ରାର୍ଥୀନି ବିଜୟୀ ହୋଇଥିବା ଜଣାଯାଇଛି ଖଣ୍ଡପଡା ସହରାଚଂଳର ୮ଟି ୱାର୍ଡକୁ ଶାସକଦଳ ନିଜ କବ୍‌ଜାରେ ରଖିଥିବାବେଳେ ୪ଟି ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ଓ ୫ନଂ ୱାର୍ଡରୁ ଏକମାତ୍ର ବିଜେପି ପ୍ରାର୍ଥୀ ଶ୍ୟାମସୁନ୍ଦର ରାମ ନିର୍ବାଚିତ ହୋଇଥିବା ଜଣାଯାଇଛି। ସହରର ୧ ନଂ ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ସରୋଜ କୁମାର ପ୍ରଧାନ ୨୩୭ ଖଣ୍ଡ ଭୋଟ ଓ ୨ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀନି ରଶ୍ମିତା ଦାସ ୨୪୦ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ୩ ନଂ ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀନି କୁମୁଦିନି ନାୟକ ୨୪୮ ଖଣ୍ଡ ,୪ ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀ ଜତିନ କୁମାର ଦଳେଇ ୨୯୯ ଖଣ୍ଡ,୫ନଂ ୱାର୍ଡରୁ ବିଜେପି ପ୍ରାର୍ଥୀ ଶ୍ୟାମସୁନ୍ଦର ରାମ ୧୦୪ ଖଣ୍ଡ, ୬ ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀନ ପ୍ରମୋଦିନୀ ଦାସ୧୫୭ ଖଣ୍ଡ ,୭ ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀ ମିହିର କୁମାର ମିଶ୍ର୧୯୦ ଖଣ୍ଡ ଭୋଟ, ୮ନଂ ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ଦିଗାମ୍ବର ମିଶ୍ର ୩୩୧ ଖଣ୍ଡ, ୯ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀନି ବିଜୁଳି ଚୌଧୁରୀ ୨୩୦ ଖଣ୍ଡ ,୧୦ ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀ ସତ୍ୟପ୍ରିୟ ମହାପାତ୍ର ୨୦୧ ଖଣ୍ଡ ,୧୧ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀନି ମୋନାଲି ପ୍ରିୟଦର୍ଶୀନି୨୨୧ ଖଣ୍ଡ ,୧୩ ନଂ ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀନି ପିଙ୍କି ସାହୁ ୩୦୪ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି।

## ଖଣ୍ଡପଡା ଥାନାରେ ହାଜର ହେଲେ ଏନଏସି ଅଧ୍ୟକ୍ଷାଙ୍କ ସ୍ୱାମୀ

ଖଣ୍ଡପଡା (ପିଏନ୍): ଗତ ମାସ ୨୪ ତାରିଖରେ ଖଣ୍ଡପଡା ବିଜ୍ଞାପିତ ଅଂଚଳ ପରିଷଦ ପାଇଁ ଭୋଟଗ୍ରହଣ ଚାଲିଥିବାବେଳେ ମହିଳା ମହାବିଦ୍ୟାଳୟ ମତଦାନ କେନ୍ଦ୍ର ସମ୍ମୁଖରେ ଗଣ୍ଡଗୋଳ ଘଟିଥିଲା। ନବ ନିର୍ବାଚିତ ଖଣ୍ଡପଡା ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ସ୍ୱାମୀ ବିଧାନଚନ୍ଦ୍ର ପ୍ରଧାନ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଏହି ଘଟଣାରେ ୨ ପକ୍ଷରୁ ଲିଖିତ ଅଭିଯୋଗକ୍ରମେ ପୋଲିସ ୨ଟି ମାମଲା ରୁଜୁ କରିଥିବା ବେଳେ ଏନଏସି ଅଧ୍ୟକ୍ଷାଙ୍କ ସ୍ୱାମୀ ଖଣ୍ଡପଡା ଥାନାରେ ହାଜର ହୋଇଥିଲେ। ତେବେ ସର୍ତ୍ତମୂଳକ ଜାମିନରେ ଶ୍ରୀ ପ୍ରଧାନଙ୍କୁ ପୋଲିସ ଛାଡିଥିବା ଥାନାଧିକାରୀ ବିଶ୍ୱଜିତ ରାଉତରାୟଙ୍କଠାରୁ ପ୍ରକାଶ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଏପ୍ରିଲ ୧୧

# ଆତ୍ମା ଓ ଜୀବନ ସୃଷ୍ଟିର ରହସ୍ୟ





ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ସମଗ୍ର ଜଗତ ଏକ ଭ୍ରାନ୍ତ ଧାରଣାରେ ଚାଲିଛି ଯେ ଭୂତ ପ୍ରକୃତି ବା ଜଡ଼ ପଦାର୍ଥର ଜୀବନରୁ ଉତ୍ପତ୍ତି । ଜଡ଼ ପଦାର୍ଥରୁ ଜୀବନର ଉତ୍ପତ୍ତି ନୁହେଁ । ପ୍ରକୃତ ଅର୍ଥରେ ଜୀବନରୁ ଜଡ଼ ପଦାର୍ଥର ଉତ୍ପନ୍ନ ହୁଏ । ଯାହାକି କଠୋର ସତ୍ୟ ଅଟେ । ବିଜ୍ଞାନ ଏକ ଭୁଲ ମତ ଉପରେ ପ୍ରତିଷ୍ଠିତ ତେଣୁ ଏହାର ସମଗ୍ର ଗଣନା ଏବଂ ସିଦ୍ଧାନ୍ତ ଭୁଲ ବୋଲି ମତ ଦେଇଛନ୍ତି ସ୍ୱାମୀ ପ୍ରଭୁପାଦ । ତେଣୁ ଏହାର ସଂଶୋଧନ ନିତ୍ୟାନ୍ତ ଜରୁରୀ । ଜଡ଼ ପଦାର୍ଥର ପରିବର୍ତ୍ତନ ଛଅଗୋଟି ପର୍ଯ୍ୟାୟ ଦେଇ ହୋଇଥାଏ । ଯାହା ହେଲା ଜନ୍ମ, ବୃଦ୍ଧି, ସ୍ଥିତି, ଆନୁସଙ୍ଗିକ ଦ୍ରବ୍ୟ ଓ ଉତ୍ପାଦନ କ୍ଷୟପ୍ରାପ୍ତି ଏବଂ ବିନାଶ ମାତ୍ର । ଜଡ଼ ପଦାର୍ଥ ମଧ୍ୟରେ ଥିବା ଜୀବନ ଓ ଚିଦାତ୍ମା ଶାଶ୍ୱତ ଅଟେ । ଏହାର କେବେ ପରିବର୍ତ୍ତନ ଘଟେ ନାହିଁ । ଜୀବନ ବିକାଶ ଲାଭ ଏବଂ କ୍ଷୟପ୍ରାପ୍ତ ହେବା ପରେ ଜଣାପଡ଼େ । କିନ୍ତୁ ବାସ୍ତବରେ ଏହା କେବଳ ଛଅ ଗୋଟି ପର୍ଯ୍ୟାୟରେ ପ୍ରତ୍ୟେକଟି ମଧ୍ୟ ଦେଇ ଗତି କରେ ଏବଂ ପରିଶେଷରେ ଭୌତିକ ଶରୀରକୁ ତ୍ୟାଗ କରେ ଏବଂ ପୁରାତନ ଶରୀରର ବିନାଶ ଘଟେ ଏବଂ ଆତ୍ମା ନୂତନ ଏକ ଶରୀରରେ ପ୍ରବେଶ କରେ । ଆମେ ପିନ୍ଧୁଥିବା ପୋଷାକ ପରିଚ୍ଛଦ ଯେତେବେଳେ ପୁରାତନ ଏବଂ ଜୀର୍ଣ୍ଣ ହୋଇଯାଏ, ସେତେବେଳେ ଆମେ ତାହା ପରିବର୍ତ୍ତନ କରୁ । ସେହିପରି ଭାବରେ ଦିନ ଆସେ, ଯେତେବେଳେ ଆମ ଶରୀର ଅକାମି ଏବଂ ପୁରାତନ ହୋଇଯାଏ, ସେତେବେଳେ ଆତ୍ମା ଅନ୍ୟ ଏକ ନୂତନ ଶରୀରକୁ ଚାଲିଯାଏ । ନନ୍ଦନନ୍ଦନ ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି- ***"ଦେହିନୋଽସ୍ମିନ ଯଥା ଦେହେ କୌମାରଂ ଯୌବନଂ ଜରା ତଥା ଦେହାନ୍ତର ପ୍ରାପ୍ତିଃ ।"*** ଅର୍ଥାତ୍ ଯେପରି ଶରୀର ମଧ୍ୟରେ ଥିବା ଆତ୍ମା କ୍ରମାଗତ ଭାବରେ ଏହି ଶରୀରରେ କୈଶୋରରୁ ଯୌବନକୁ ଏବଂ ଯୌବନରୁ ବୃଦ୍ଧାବସ୍ଥାକୁ ଗତିକରେ । ସେହିପରି ଭାବରେ ଆତ୍ମା ମୃତ୍ୟୁ ସମୟରେ ଅନ୍ୟଏକ ଶରୀରକୁ ଗତି କରିଥାଏ । ଏହାପରେ ଅନ୍ୟ ଏକ ଶ୍ଳୋକରେ କୁହାଯାଇଛି- ***"ଅନ୍ତବନ୍ତ ଇମେଦେହା ନିତ୍ୟସ୍ୟୋକ୍ତ ଶରୀରିଣଃ ।"*** ଏହାର ଅର୍ଥ ଶାଶ୍ୱତ ଏବଂ ଅବିନାଶୀ ଜୀବନର କେବଳ ଭୌତିକ ଶରୀରର ଧ୍ୱଂସ ହୋଇଥାଏ । ମାତ୍ର ଶରୀର ଭିତରେ ଥିବା ଆତ୍ମା (ଜୀବାତ୍ମା) ନିତ୍ୟ ବା ଶାଶ୍ୱିତ ଅଟେ । ବେଦ କହେ ଶରୀର ମଧ୍ୟରେ ଥିବା ଆତ୍ମାର ଆକାର କେଶାଗ୍ରର ଦଶ ହଜାର ଭାଗରୁ ଏକ ଭାଗ ଅଟେ । ଏହା ଅତ୍ୟନ୍ତ କ୍ଷୁଦ୍ର ଅଟେ । ବାସ୍ତବରେ ଏହା ଅଣୁ ସଦୃଶ ତଥାପି ସେହି ଅଣୁ ସଦୃଶ ଚିତ୍ ଶକ୍ତି ଯୋଗୁ ହିଁ ଆମ ଶରୀର କାର୍ଯ୍ୟ କରୁଛି । ଏହାର ଜ୍ଞାନ ଉପଲବ୍ଧ କରିବା କ'ଣ ଏତେ କଷ୍ଟ ଅଟେ? ଦୃଷ୍ଟାନ୍ତ ପୂର୍ବକ ଜଣେ ମଣିଷ ନିଜକୁ ବଳବାନ ମନେକରେ । କେଉଁ କାରଣରୁ ଏହା ବଳବାନ ଅଟେ । କେବଳ ତା' ଶରୀର ମଧ୍ୟରେ ଥିବା ଏକ କ୍ଷୁଦ୍ର ଚିତ୍‌କଣ ଯୋଗୁ । ସେହି ଚିତ୍‌କଣଟି ଯେଉଁଦିନ ମନୁଷ୍ୟର ଭୌତିକ ଶରୀରକୁ ତ୍ୟାଗ କରେ, ସେହିଦିନ ତା'ର ବଳବୀର୍ଯ୍ୟ ଶୂନ୍ୟରେ ପରିଣତ ହୋଇ ମୃତ୍ୟୁ ଘଟେ । ଯଦି ବୈଜ୍ଞାନିକମାନଙ୍କର ମତାନୁସାରେ ଜଡ଼ ପଦାର୍ଥ ହିଁ ଜୀବର କାରଣ ଏବଂ ମୂଳ, ତେବେ ସେମାନେ ଏକ ମୃତ ଲୋକକୁ ରାସାୟନିକ ଦ୍ରବ୍ୟ ଇଞ୍ଜେକ୍ସନ୍ ଦେଇ ବଂଚାଇ ପାରିବେ ତ! ବେଦ କୁହେ ଶରୀର ମଧ୍ୟରେ ସେହି କ୍ଷୁଦ୍ରାତିକ୍ଷୁଦ୍ର ଆତ୍ମାର ସ୍ଥିତି ଯୋଗୁଁ ସମଗ୍ର ଶରୀର ସଚଳ ଭାବରେ କାର୍ଯ୍ୟ କରୁଛି । ମୋତେ ଯଦି କିଏ ବା ମୁଁ ଯଦି ନିଜକୁ ନିଜେ ଚିମୁଟିଦିଏ ତେବେ ମୁଁ ତାହା ଅନୁଭବ କରିପାରେ, କାରଣ ମୋର ସମଗ୍ର ଶରୀର ଚେତନାଯୁକ୍ତ ଅଟେ । ମାତ୍ର ସେହି ଚେତନାରୂପୀ ଆତ୍ମାର ଅନୁପସ୍ଥିତିରେ ତୁମେ ସେହି ଚର୍ମକୁ କାଟି ଛିନ୍ନ ଭିନ୍ନ କରିଦେଲେ ମଧ୍ୟ ତା'ର କୌଣସି ପ୍ରତିକ୍ରିୟା ନଥାଏ । ଏହା କ'ଣ ଆତ୍ମା ସନ୍ଧାନ ଦେଉନାହିଁ । ବୈଜ୍ଞାନିକମାନଙ୍କର ପ୍ରଥମ କର୍ତ୍ତବ୍ୟ ପ୍ରଥମେ ନିରୀକ୍ଷଣ, ତାହାପରେ ବିଶ୍ଳେଷଣ ଗ୍ରହଣ ଏବଂ ତତ୍ପରେ ବାସ୍ତବ କ୍ଷେତ୍ରରେ ପ୍ରଦର୍ଶନ । ମାତ୍ର ଆଜିର ବୈଜ୍ଞାନିକମାନେ ଆତ୍ମା ସମ୍ବନ୍ଧରେ ସେମାନଙ୍କର ସିଦ୍ଧାନ୍ତକୁ ପ୍ରମାଣ କରିବାରେ ଅକ୍ଷମ । ଅନ୍ୟ ଏକ ଦୃଷ୍ଟାନ୍ତ ନେବା । ମନେକର ମୁଁ ଗୋଟିଏ ପ୍ରକୋଷ୍ଠରେ ଥିଲି ପରେ ସେଠାରୁ ଚାଲିଗଲି । କିନ୍ତୁ ସେ ଘରେ ଥିବା ବୁଢ଼ିଆଣୀ, ପିମ୍ପୁଡ଼ି, ଅସରପା ଇତ୍ୟାଦି ଅନେକ ଜୀବ ରହିଛନ୍ତି । ମୁଁ ଚାଲିଯିବା ଅର୍ଥ ନୁହେଁ ଯେ ସେଠାରେ ଆଉ କେହି ରହିପାରିବେ ନାହିଁ । ସେହିଭଳି ଗୋଟିଏ ବୃକ୍ଷରେ ଥିବା ରାସାୟନିକ ଦ୍ରବ୍ୟ ସବୁ ପ୍ରକୋଷ୍ଠ ସହ ତୁଳନା କରାଯାଇପାରେ । ସେଗୁଡ଼ିକ କେବଳ ଆତ୍ମରୂପ ଏକକ ଜୀବନଶକ୍ତିର ପରିବେଶ ଅଟନ୍ତି । ଯାହା ମଧ୍ୟ ଦେଇ କାର୍ଯ୍ୟ ସମ୍ପାଦନ କରାଯିବ । ଏହିଦୃଷ୍ଟିରୁ ବୈଜ୍ଞାନିକମାନେ ରାସାୟନିକ ବିଜ୍ଞାନାଗାରରେ ଆତ୍ମା ସଂଗ୍ରହ କରାଇବାକୁ ସମର୍ଥ ହେଉନାହାନ୍ତି । ବିଜ୍ଞାନୀମାନଙ୍କ ମତରେ ଜୀବନ ରାସାୟନିକ ଦ୍ରବ୍ୟ ସମୂହରୁ ଆରମ୍ଭ ହୁଏ । କିନ୍ତୁ ବାସ୍ତବ ଅର୍ଥ ହେଲା ଏସବୁ ରାସାୟନିକ ଦ୍ରବ୍ୟସବୁ ଆସିଲା କେଉଁଠୁ? ରାସାୟନିକ ଦ୍ରବ୍ୟସବୁ ଜୀବନରୁ ଆସିଛି ଏବଂ ଏହାର ଅର୍ଥ ହେଲା ଜୀବନର ଯୌଗିକ ଶକ୍ତି ଅଛି । ଉଦାହରଣ ସ୍ୱରୂପ କମଳା ଲେମ୍ବୁରେ ଖଟା ରସ ଇତ୍ୟାଦି କେତେ ରାସାୟନିକ ଦ୍ରବ୍ୟ ରହିଛି । ତେଣୁ ଏ ରାସାୟନିକ ଦ୍ରବ୍ୟସବୁ ଆସିଲା କେଉଁଠୁ? ଅନିବାର୍ଯ୍ୟ ଭାବରେ ବୃକ୍ଷ ଭିତରେ ଥିବା ଜୀବନରୁ । ବୈଜ୍ଞାନିକମାନଙ୍କ ଦୃଷ୍ଟି ରାସାୟନିକ ଦ୍ରବ୍ୟର ସୃଷ୍ଟି ଉପରେ ପଡ଼ିନାହିଁ । ସେମାନେ ତାଙ୍କର ଗବେଷଣା ରାସାୟନିକ ଦ୍ରବ୍ୟ ଠାରୁ ଆରମ୍ଭ କରିଛନ୍ତି । କିନ୍ତୁ ସେମାନେ ରାସାୟନିକ ଦ୍ରବ୍ୟର ମୂଳ କେଉଁଠି ତାହା ଖୋଜି ବାହାର କରିପାରିନାହାଁନ୍ତି । ରାସାୟନିକ ଦ୍ରବ୍ୟସମୂହ ପରମଜୀବ ଭଗବାନଙ୍କଠାରୁ ସୃଷ୍ଟି ହୁଏ । ସେହିପରି ପରମଜୀବ (ପରମ ପୁରୁଷ ବା ପରମାତ୍ମା) ବାୟୁମଣ୍ଡଳରେ, ଜଳରେ, ମନୁଷ୍ୟ ଓ ପଶୁପକ୍ଷୀମାନଙ୍କ ମଧ୍ୟରେ ଏବଂ ପୃଥିବୀରେ ମିଳୁଥିବା ସମସ୍ତ ରାସାୟନିକ ଦ୍ରବ୍ୟ ସୃଷ୍ଟି କରିଛନ୍ତି । ସେହି ପରମାତ୍ମାଙ୍କ ଯୋଗଶକ୍ତିକୁ ସ୍ୱୀକାର ନକରିବା ପର୍ଯ୍ୟନ୍ତ ଜୀବନ ସୃଷ୍ଟି ସମସ୍ୟାର ସମାଧାନ ହୋଇପାରିବ ନାହିଁ ।

**ଉମାଶଙ୍କର ପ୍ରସାଦ**, ସମ୍ପାଦକ, "ମାର୍ଗଦର୍ଶୀ", ଖୋର୍ଦ୍ଧା

## ଆଜିର ଅନୁଚିନ୍ତା

**ଭୟ ଯାହାକୁ ଭୟ କରେ, ତାକୁ ହିଁ ଆମ୍ଭେମାନେ ଭୟ କରିବା ଉଚିତ।**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ବାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ବାଦକଙ୍କ ସହ ଯୋଗାଯୋଗ କରିପାରିବେ।
E-mail: editorpbkc@gmail.com
9853400829 (M), Fax: 0674-2550504

# ରପ୍ତାନୀରେ ଭାରତର ରେକର୍ଡ !

**ସୌମେନ୍ଦ୍ର ଜେନା**



କୋରୋନାର ବିଗତ ଦିନଗୁଡିକ କେବଳ ଭାରତ କାହିଁକି ପୃଥିବୀର ଅନେକଗୁଡିଏ ଦେଶପାଇଁ ଥିଲା ପରୀକ୍ଷାର ସମୟ । ସବୁଆଡେ ଲକ୍‌ଡାଉନ୍, ବିଦେଶୀ ଯୋଗାଣ ହ୍ରାସ ଯୋଗୁ ଅନେକ ଦେଶରେ ଅଭାବ ସୃଷ୍ଟି ହେବା, ଉତ୍ପାଦନ ହ୍ରାସ ଏବଂ କମ୍ ଯୋଗାଣ ଯୋଗୁ ମଲ୍ ଏବଂ ବଜାରଗୁଡିକରେ ଆବଶ୍ୟକ ବସ୍ତୁ ମିଳିନପାରିବା ଯୋଗୁ ଏପରି ସଙ୍କଟ କାଳରେ ଯେ ଆମଦାନୀ କରି ନୁହେଁ ବରଂ ଆତ୍ମନିର୍ଭରଶୀଳ ହୋଇ ବଞ୍ଚିହେବ ତାହା ଲୋକେ ଏବଂ ସରକାର ଅନୁଭବ କଲେ । ଏମିତି ଏକ ଅଭାବବୋଧରୁ ଆତ୍ମନିର୍ଭର ଭାରତ ଗଠନ ପାଇଁ ଭାରତ ସରକାର ସ୍ୱପ୍ନ ଦେଖିଲେ । ବିଦେଶୀ ଶିଳ୍ପର ସ୍ଥାନୀୟ ଉତ୍ପାଦନ ପାଇଁ ସହାୟତା ଯୋଜନା ଘୋଷଣା କଲେ । ଫଳରେ କୋରୋନା ପାଇଁ ଯେଉଁସବୁ ଉପକରଣ ବାହାର ଦେଶରୁ କିଣିବାକୁ ପଡୁଥିଲା ତାହା ଅଳ୍ପଦିନରେ ଭାରତରେ ନିର୍ମାଣ ହେବାକୁ ଲାଗିଲା । ଆଉ ଇତି ମଧ୍ୟରେ ଭାରତର ବ୍ୟବସାୟ ଔଷଧ, ଟିକା, ଚିକିତ୍ସା ଉପକରଣଠାରୁ ଖାଦ୍ୟସାମଗ୍ରୀ ଯାଏ ବଢିଗଲା । କେନ୍ଦ୍ର ସରକାରଙ୍କ ପାଞ୍ଚ ଟ୍ରିଲିଅନ ଅର୍ଥନୀତିକୁ ଉଠିବା ଲକ୍ଷ୍ୟ ଭିନ୍ନ ଭିନ୍ନ ବିଭାଗକୁ ସକ୍ରୀୟ କଲା । ଉତ୍ପାଦନ, ପରିବହନ, ଯୋଗାଣ, ରପ୍ତାନୀ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଗଲା । ସ୍ୱତନ୍ତ୍ର ପରିବହନକାରୀ ଟ୍ରେନଗୁଡିକ ଚଳାଚଳ ପାଇଁ ବ୍ୟବସ୍ଥା କରାଗଲା । ଫଳରେ ଅନେକ ଦେଶସହ ଭାରତର ବ୍ୟାବସାୟିକ ସଂପର୍କ ଯୋଡି ହେଲା । କୋରୋନା ଦୁର୍ବଳ ହୋଇ ଆସୁଥିବା ବେଳେ ରୁଷ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ପୁଣି ଏକ ସଙ୍କଟ ସୃଷ୍ଟି କଲା । ଅନେକ ଦେଶଗୁଡିକୁ ଖାଦ୍ୟାନ୍ନ ଏବଂ ସାମଗ୍ରୀଗୁଡିକର ଯୋଗାଣ ହୋଇପାରିଲା ନାହିଁ । ଭାରତ କୌଣସି ପକ୍ଷଭୁକ୍ତ ରାଷ୍ଟ୍ର ହୋଇନଥିବା ହେତୁ ଏହି ସମୟରେ ଯେଉଁଠି ଅଭାବ ସୃଷ୍ଟି ହେଲା ସେଠାକୁ ଯୋଗାଣ ପାଇଁ ଧ୍ୟାନ ଦେଲା । ଯାହାଫଳରେ ଗୋଟିଏ ଆର୍ଥିକ ବର୍ଷରେ ୪୧୮ ବିଲିଅନ ଡଲାର ମୂଲ୍ୟର ରପ୍ତାନୀ କରି ରେକର୍ଡ ସୃଷ୍ଟି କଲା । କେବଳ ସେତିକି ନୁହେଁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ଆମେରିକାର କଟକଣାରେ ସାମିଲ ହୋଇ ରୁଷିଆଠାରୁ ଇନ୍ଧନ କ୍ରୟ ହ୍ରାସ କରିବାକୁ ଚିନ୍ତା କରୁଥିବା ସମୟରେ ଭାରତ ରୁଷିଆଠାରୁ ଅଧିକ ତୈଳ କ୍ରୟ କରିବାକୁ ସ୍ଥିର କଲା । ରୁଷିଆର ଅର୍ଥନୀତିକୁ ରୁଗ୍ଣ କରିବାକୁ ଲକ୍ଷ୍ୟ ରଖିଥିବା ୟୁକ୍ରେନ, ଆମେରିକା ସମେତ ଇଉରୋପର ଅନେକଗୁଡିଏ ରାଷ୍ଟ୍ରଙ୍କର ଏଥିରେ ଗାତ୍ରଦାହ ସୃଷ୍ଟି ହେଲା । ଯୁଦ୍ଧର ଘନଘଟା ମଧ୍ୟରେ ଭାରତ ବାଣିଜ୍ୟିକ ଫାଇଦା ହାସଲ କରିବାକୁ ଚେଷ୍ଟା କରୁଥିବା ନେଇ ୟୁକ୍ରେନର ମିଡିଆରେ ଅଭିଯୋଗ ହେଲା । ତେବେ ଭାରତ ପରି ଏକ ବଡ ଦେଶ ପାଇଁ ଏହି ସୁଯୋଗକୁ ଉପଯୋଗ କରିବା ଯେ ବୁଦ୍ଧିମାନର କାର୍ଯ୍ୟ ତାହା ଭାରତକୁ ଭଲପାଉଥିବା ଯେ କେହି କହିବ । କୋରୋନା ଯୋଗୁ ପ୍ରଥମେ ଚୀନ ବିରୋଧୀ ବିଶ୍ୱବ୍ୟାପୀ ଅସନ୍ତୋଷ ଯୋଗୁ ଯେଉଁସବୁ ରାଷ୍ଟ୍ରର ଡ୍ରାଗନ ସହ ମତଭେଦ ହେଲା ସେମାନେ ବିକଳ୍ପ ବଜାର ଖୋଜିବାକୁ ଯାଇ ଭାରତ ନିକଟକୁ ଆସିଲେ । ମାସ ମାସ ଧରି ଚୀନରେ ଖଲାସ ହୋଇପାରୁ ନ ଥିବା କୋଇଲା ସବୁର ଭବିଷ୍ୟତ ନେଇ ଅଷ୍ଟ୍ରେଲିଆ ସରକାର ଚିନ୍ତିତ ଥିଲାବେଳେ ଭାରତ ସରକାର ନିଜ ଆଡୁ ହାତ ବଢାଇଦେବା ଯୋଗୁ ସେହିସବୁ କୋଇଲା ଶସ୍ତାରେ ଭାରତକୁ ଅଷ୍ଟ୍ରେଲିଆ ଯୋଗାଇବାକୁ ସକ୍ଷମ ହେଲା । ଭାରତ ମଧ୍ୟ ଅଷ୍ଟ୍ରେଲିଆକୁ ନିଜ ବ୍ୟାବସାୟିକ ସହଯୋଗ ମାଧ୍ୟମରେ ଏପରି ଆକର୍ଷିତ କଲା ଯେ ଖୁବ୍ କମ୍ ସମୟରେ ଦୁଇଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ବୁଝାମଣା ସମ୍ଭବ ହୋଇପାରିଲା ।

ଚଳିତବର୍ଷ ପୃଥିବୀରେ ବହୁଦେଶରେ ଗହମର ଅଭାବ ଦେଖାଯିବା ସମସ୍ୟା ଉପୁଜିଛି । ଇଉରୋପ ମହାଦେଶରେ ଗହମ ଯୋଗାଣରେ ସଙ୍କଟ ଆସିବା ଯୋଗୁ ସେସବୁ ରାଷ୍ଟ୍ରରେ ଖାଦ୍ୟାଭାବର ସମସ୍ୟା ଦେଖାଯାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଲାଣି । କିନ୍ତୁ ଭାରତ ଏହି ସମୟରେ ୨୦୧୯-୨୦ରେ ମାତ୍ର ୨ଲକ୍ଷ ଟନ୍ ଗହମ ବିଦେଶକୁ ରପ୍ତାନୀ କରିଥିଲେ ହେଁ ୨୦୨୨-୨୩ରେ ଏହା ୧୦୦ ଲକ୍ଷ ଟନ୍‌କୁ ଛୁଇଁବ ବୋଲି କୁହାଯାଉଛି । ଭାରତ ୨୦୨୦-୨୧ରେ ୪୦୦ କୋଟି ମୂଲ୍ୟରେ ୨୧.୫୫ ଲକ୍ଷ ଟନ୍, ୨୦୨୧-୨୨ରେ ୧୫୦୦କୋଟି ମୂଲ୍ୟର ୭୦ଲକ୍ଷ ଟନ୍ ଗହମ ବିଦେଶକୁ ରପ୍ତାନୀ କରିଥିଲା । ରୁଷିଆ ଏବଂ ୟୁକ୍ରେନ ବିଶ୍ୱର ୨୫ ପ୍ରତିଶତ ଗହମ ରପ୍ତାନୀ କରିଥାନ୍ତି, ଯାହା ଚଳିତବର୍ଷ ହେବା ସମ୍ଭବ ନୁହେଁ । ଗତ ଦଶବର୍ଷ ହେବ ଭାରତର ଗହମ ଉତ୍ପାଦନ ଦେଶର ଆବଶ୍ୟକତାଠାରୁ ଅଧିକ ହେବାରେ ଲାଗିଛି । ଭାରତର ଗହମ ନିଜ ରାଷ୍ଟ୍ରର ଯୋଗାଣ ପରେ ପଡୋଶୀ ରାଷ୍ଟ୍ରଗୁଡିକୁ ରପ୍ତାନୀ ହୋଇଥାଏ । ୨୦୨୦-୨୧ରେ ଭାରତୀୟ ଗହମର ପ୍ରମୁଖ ଆମଦାନିକାରୀ ରାଷ୍ଟ୍ରଥିଲେ ବଙ୍ଗଳାଦେଶ, ନେପାଳ, ସଂଯୁକ୍ତ ଆରବ ଅମିରାତ୍, ଶ୍ରୀଲଙ୍କା, ୟେମେନ, ଆଫଗାନିସ୍ଥାନ,କାତାର, ଇଣ୍ଡୋନେସିଆ, ଓମାନ ଏବଂ ମାଲେସିଆ । ୨୦୨୧-୨୨ରେ ବଙ୍ଗଳାଦେଶକୁ ୩୫ଲକ୍ଷ ଟନ ଗହମ ଭାରତ ଯୋଗାଇଥିଲା । ସେମିତି ୨୦୨୦-୨୧ରେ ଭାରତର ମୋଟ ଗହମ ରପ୍ତାନୀର ୫୪ପ୍ରତିଶତ ବଙ୍ଗଳାଦେଶକୁ ହୋଇଥିଲା । ଏବେ ୟେମେନ, କାତାର, ଇଣ୍ଡୋନେସିଆ ଏବଂ ଆଫଗାନିସ୍ଥାନର ବଜାରରେ ଭାରତର ଗହମ ପ୍ରବେଶ କରିଛି । ଚଳିତବର୍ଷ ଇଜିପ୍ଟ ସହ ରପ୍ତାନୀ ପାଇଁ କଥା ଶେଷ ହୋଇଥିଲା ବେଳେ ଚୀନ, ତୁର୍କୀ, ଇରାନ ସହ ଆଲୋଚନା ଜାରି ରହିଛି । ଆଜିଯାଏ ଗୁଜରାଟର କାଣ୍ଡଲା ବନ୍ଦରରୁ ଗହମର ରପ୍ତାନୀ ସାଧାରଣତଃ ବିଦେଶକୁ ହେଉଥିବା ସମୟରେ ଆଗାମୀ ଦିନରେ ବିଶାଖାପାଟଣା, କାକିନାଡା, ନାଭାଶୋଭା ବନ୍ଦରରୁ ବିଦେଶକୁ ଗହମ ରପ୍ତାନୀ ପାଇଁ ରେଳବାଇ ସହ ଆଲୋଚନା ଜାରି ରହିଛି । ଏକଥା ସତ ଯେ ବିଶ୍ୱ ଗହମ ରପ୍ତାନୀରେ ମାତ୍ର ୧ ପ୍ରତିଶତ ଅଂଶ ଭାରତର ରହିଛି । ପୂର୍ବରୁ ୨୦୧୬ରେ ୦.୧୪ ପ୍ରତିଶତ ଏବଂ ୨୦୨୦ରେ ଏହା ୦.୫୪ ପ୍ରତିଶତ ରହିଥିଲା । ସେହିପରି ଉତ୍ପାଦନ କ୍ଷେତ୍ରରେ ବିଶ୍ୱଗହମର ମୋଟ ଉତ୍ପାଦନର ୧୪.୧୪ ପ୍ରତିଶତ ଭାରତ କରିଥିଲା । ସଂପ୍ରତି ୧୦୭.୫୯ମିଲିଅନ ଟନ ଗହମ ଭାରତରେ ଉତ୍ପାଦିତ ହେଉଛି । ଦେଶର ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା, ମଧ୍ୟପ୍ରଦେଶ, ରାଜସ୍ଥାନ, ବିହାର ଓ ଗୁଜରାଟ ରାଜ୍ୟରେ ମୁଖ୍ୟତଃ ଗହମ ଉତ୍ପାଦିତ ହୋଇଥାଏ । କଥା ହେଲା ଯେ ପୃଥିବୀରେ ଗହମ ଉତ୍ପାଦନକୁ ବିଚାର କଲେ ଦେଖାଯିବ ଯେ ଭାରତ ଗହମ ଉତ୍ପାଦନରେ ଦ୍ୱିତୀୟ ରାଷ୍ଟ୍ର ହୋଇଛି । ମିଲିଅନ ଟନ୍ ହିସାବରେ ଦେଖିଲେ ୨୦୧୯ରେ ଚୀନ ୧୩୩.୬ ମିଲିଅନ୍ ଟନ୍, ଭାରତ ୧୦୩.୬ ମିଲିଅନ ଟନ୍, ରୁଷିଆ ୭୪.୫ ମିଲିଅନ ଟନ୍, ଆମେରିକା ୫୨.୩ ମିଲିଅନ ଟନ୍, ଫ୍ରାନ୍ସ ୪୦.୬ ମିଲିଅନ ଟନ, କାନାଡା ୩୨.୩ ମିଲିଅନ ଟନ, ୟୁକ୍ରେନ ୨୮.୪ ମିଲିଅନ ଟନ୍ ଗହମ ଉତ୍ପାଦନ କରିଥିଲେ ।

ବିଦେଶରେ ଚିନି ଯୋଗାଣର ସଙ୍କଟ ସୃଷ୍ଟି ହେଲାବେଳେ, ଭାରତରେ ଚିନିର ଉତ୍ପାଦନ ବୃଦ୍ଧି ପାଇବାରେ ଲାଗିଛି । ମହାରାଷ୍ଟ୍ର ଉତ୍ତର ପ୍ରଦେଶ ଓ କର୍ଣ୍ଣାଟକ ରାଜ୍ୟ ଚିନି ଉତ୍ପାଦନରେ ଅଗ୍ରଣୀ ରହିଛନ୍ତି । ୨୦୨୦-୨୧ରେ ଚିନି ଉତ୍ପାଦନ ମହାରାଷ୍ଟ୍ରରେ ୧୦୦.୪୭ ଲକ୍ଷ ଟନ ଥିଲାବେଳେ ୨୦୨୧-୨୨ରେ ୧୦୮.୮୭ ଲକ୍ଷ ଟନ୍ ହୋଇଛି । ଉତ୍ତର ପ୍ରଦେଶରେ ଗତବର୍ଷ ଚିନି ଉତ୍ପାଦନ ୯୩.୭୧ଲକ୍ଷ ଟନ୍ ଥିଲା । ଚଳିତବର୍ଷ ୨୦୨୧-୨୨ରେ ଏହା ୮୭ .୫୦କୁ ହ୍ରାସ ପାଇଛି । କର୍ଣ୍ଣାଟକରେ ଗତବର୍ଷ ଚିନି ଉତ୍ପାଦନ ୪୨.୩୮ ଲକ୍ଷ ଟନ୍ ଥିଲାବେଳେ ଚଳିତବର୍ଷ ୫୭.୬୫ ଲକ୍ଷ ଟନକୁ ଛୁଇଁଛି । ଚଳିତବର୍ଷ ଭାରତରୁ ୮୫ଲକ୍ଷ ଟନ୍ ଚିନି ବିଦେଶକୁ ରପ୍ତାନୀ ହୋଇଛି । ସେମିତି ଚିନି ଉତ୍ପାଦନ ଗତ ଆର୍ଥିକ ବର୍ଷରେ ମୋଟ ୩୦୯.୮୭ ଲକ୍ଷ ଟନ୍ ହୋଇଛି । ପୂର୍ବବର୍ଷ ଏହା ୨୭୮.୭୧ଲକ୍ଷ ଟନ୍ ରହିଥିଲ । ଯୁଦ୍ଧ ପରିପ୍ରେକ୍ଷୀରେ ଏବେ ଭାରତ ଅନେକ ଦେଶରୁ ଚିନି ଯୋଗାଣର ଅର୍ଡର ପାଇବା ନିଶ୍ଚିତ ।

ସେହିପରି ଚାଉଳ ଦୃଷ୍ଟିରୁ ଦେଖିଲେ ଭାରତ ୧୮.୭୫ ମିଲିଅନ ମେଟ୍ରିକ ଟନ ଚାଉଳ ରପ୍ତାନୀ କରି ୨୦୨୧-୨୨ରେ ପୃଥିବୀରେ ପ୍ରଥମ ସ୍ଥାନରେ ରହିଥିଲା । ଏହି ସମୟରେ ଭିଏତନାମ୍ ୬.୫ ମିଲିଅନ ମେଟ୍ରିକ ଟନ୍, ଥାଇଲାଣ୍ଡ ୨.୫ ମିଲିଅନ ମେଟ୍ରିକ ଟନ୍ , ପାକିସ୍ଥାନ ୪ ମିଲିଅନ ମେଟ୍ରିକ ଟନ୍, ଆମେରିକା ୨.୮୫ ମିଲିଅନ ମେଟ୍ରିକ ଟନ୍, ଚୀନ ୨.୨ମିଲିଅନ ମେଟ୍ରିକ ଟନ୍ ଚାଉଳ ରପ୍ତାନୀ କରିବାକୁ ସକ୍ଷମ ହୋଇଛନ୍ତି । ୨୦୨୧ରେ ଭାରତରୁ ଚାଉଳ ରପ୍ତାନୀକୁ ଦେଖିଲେ ସାଉଦି ଆରବ ୭୮.୬୮ ବିଲିଅନ, ୟୁଏଇ ୨୫.୮୧ ବିଲିଅନ, ବଙ୍ଗଳାଦେଶ ୨୫.୭୮ ବିଲିଅନ, ୟେମେନ ୨୩.୯୪ ବିଲିଅନ, ଆମେରିକା ୧୭.୮୩ ବିଲିଅନ, କୁଏତ ୧୪.୧୭ ବିଲିଅନ, ବ୍ରିଟେନ୍ ୧୧.୧୫ ବିଲିଅନ, ଦକ୍ଷିଣ ଆଫ୍ରିକା ୮ ବିଲିଅନ ଭାରତୀୟ ମୁଦ୍ରାମୂଲ୍ୟରେ କ୍ରୟ କରିଥିଲେ । ପୃଥିବୀର ପାଖାପାଖି ୨୦ ପ୍ରତିଶତ ଚାଉଳ ବଜାରକୁ ଭାରତ ବାସୁମତୀ ଏବଂ ଅଣବାସୁମତୀ ଚାଉଳ ଯୋଗାଇଥାଏ ।

ବିଦେଶକୁ ଭାରତର ମୋଟାମୋଟି ରପ୍ତାନୀ ଦେଖିଲେ (ଡଲାରରେ) ୨୦୧୬-୧୭ରେ ୨୭୫.୯ ବିଲିଅନ, ୨୦୧୭-୧୮ରେ ୩୦୩.୫ ବିଲିଅନ, ୨୦୧୮-୧୯ରେ ୩୩୦.୧ ବିଲିଅନ, ୨୦୧୯-୨୦ରେ ୩୧୩.୪ ବିଲିଅନ, ୨୦୨୦-୨୧ରେ ୨୯୧.୨ ବିଲିଅନ ଏବଂ ୨୦୨୧-୨୨ରେ ୪୧୭.୮ ବିଲିଅନ ହୋଇଛି । ଗତ ଆର୍ଥିକ ବର୍ଷରେ ପୂର୍ବାପେକ୍ଷା ୪୩ ପ୍ରତିଶତ ରପ୍ତାନୀ ବୃଦ୍ଧି ପାଇଛି । କେବଳ ମାର୍ଚ୍ଚ ୨୦୨୨ରେ ୪୦ ବିଲିଅନ ଡଲାର ମୂଲ୍ୟର ରପ୍ତାନୀ ଭାରତ ବିଦେଶକୁ କରିଛି । ଯାହାଫଳରେ ଆମଦାନୀ ଏବଂ ରପ୍ତାନୀକୁ ମିଶାଇ ଭାରତ ୧ ଟ୍ରିଲିଅନ ବ୍ୟବସାୟ କରିଛି (୧୦୨୮ ବିଲିଅନ) । ଫେବୃଆରୀ ମାସରେ ୟୁନାଇଟେଡ୍ ଆରବ ଏମିରେଟ ସହ ଭାରତ ମୁକ୍ତ ବାଣିଜ୍ୟ ବୁଝାମଣା ସ୍ୱାକ୍ଷର କରିଛି । ଏ ପ୍ରକାର ବୁଝାମଣା ପାଇଁ ଇସ୍ରାଏଲ, କାନାଡା, ବ୍ରିଟେନ ଏବଂ ଇଉରୋପୀୟ ୟୁନିଅନ ସହ ଆଲୋଚନା ଜାରି ରହିଛି । ୨୧ ମାର୍ଚ୍ଚ ୨୦୨୦ରେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ସ୍କଟ ମରିସନ୍ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ୨ୟ ଅଷ୍ଟ୍ରେଲିଆ-ଭାରତ ଶିଖର ଆଲୋଚନା ଅନୁଷ୍ଠିତ ହୋଇଥିଲା । ଆଭାସୀ ବ୍ୟବସ୍ଥାରେ ଆୟୋଜିତ ଏହି ବୈଠକରେ ଦୁଇ ଦେଶ ଖୁବ୍ ଶୀଘ୍ର ଆର୍ଥିକ ସହଯୋଗ ଓ ବାଣିଜ୍ୟ ବୁଝାମଣା (ଇସିଟିଏ) କରିବାକୁ ଆଶା ପ୍ରକାଶ କରିଥିଲେ । ତଦନୁଯାୟୀ ଏପ୍ରିଲ ପ୍ରଥମ ସପ୍ତାହରେ (୨ ଏପ୍ରିଲ ୨୦୨୨) ଦୁଇରାଷ୍ଟ୍ର ମଧ୍ୟରେ ଏହି ଐତିହାସିକ ବାଣିଜ୍ୟିକ ବୁଝାମଣା ହେବାପରେ ଆଗାମୀ ପାଞ୍ଚବର୍ଷ ମଧ୍ୟରେ ଦ୍ୱିପାକ୍ଷିତ ବାଣିଜ୍ୟ ୪୫ରୁ ୫୦ ବିଲିଅନ ଡଲାର ହେବ ବୋଲି ଆଶା କରାଯାଉଛି । ସଂପ୍ରତି ଏହା ୨୭ ବିଲିଅନ ଡଲାର ରହିଛି । ଏହି ବୁଝାମଣା ପରେ ୧୦ ଲକ୍ଷ ରୋଜଗାର ସୃଷ୍ଟି ହେବ । ଭାରତକୁ ଅଷ୍ଟ୍ରେଲିଆର ୮୫ ପ୍ରତିଶତ ସାମଗ୍ରୀ ବିନା ଟିକସରେ ପ୍ରବେଶ କଲାବେଳେ ଅଷ୍ଟ୍ରେଲିଆକୁ ଭାରତର ୯୬ ପ୍ରତିଶତ ସାମଗ୍ରୀ ବିନା ଶୁଳ୍କରେ ପ୍ରବେଶ କରିପାରିବ । ଏହି ବୁଝାମଣା ପରେ ଭାରତର ବିଜ୍ଞାନ, ଟେକ୍‌ନୋଲୋଜି, ଇଞ୍ଜିନିୟରିଂ ଏବଂ ଗଣିତରେ ସ୍ନାତକ ଛାତ୍ରଛାତ୍ରୀମାନେ ଅଷ୍ଟ୍ରେଲିଆରେ ଶିକ୍ଷାପର କାର୍ଯ୍ୟ ପାଇଁ ଭିସା ପାଇବାକୁ ସକ୍ଷମ ହେବେ । ବିଦ୍ୟୁତ ଉତ୍ପାଦନ ଲାଗି ଆବଶ୍ୟକ କୋଇଲା ଆମଦାନୀ କରିବାକୁ ଭାରତ ପାଇଁ ଏବେ ସହଜ ହେବ । କାରଣ ଭାରତ ନିଜ ଆବଶ୍ୟକତା ପାଇଁ ୭୩ ପ୍ରତିଶତ କୋଇଲା ବିଦେଶରୁ ପ୍ରତିବର୍ଷ ଆମଦାନୀ କରିଥାଏ । ଭାରତର ଔଷଧ ସାମଗ୍ରୀ ଅଷ୍ଟ୍ରେଲିଆର ବଜାରରେ ପ୍ରବେଶ କରିବାକୁ ସୁବିଧା ପାଇବା ସହ ଆଇଟି ଶିକ୍ଷା ପ୍ରଦାନକାରୀ କମ୍ପାନୀମାନେ ଦୋହରା ଟିକସ ପ୍ରଦାନରୁ ଛାଡ ପାଇବେ । ଭାରତର ଶ୍ରମ ଆଧାରିତ କ୍ଷେତ୍ର ବୟନ ଶିଳ୍ପ, ଅଳଙ୍କାର, ଖାଦ୍ୟସାମଗ୍ରୀ, ଯାନବାହନର ରପ୍ତାନୀ ସହଜ ହେବ । ଭାରତର ଛାତ୍ରଛାତ୍ରୀମାନେ ୨ରୁ ୪ବର୍ଷ ପାଇଁ କାର୍ଯ୍ୟକରିବାକୁ ଭିସା ପାଇପାରିବେ । ଅଷ୍ଟ୍ରେଲିଆର କଞ୍ଚାମାଲ ଶସ୍ତାରେ ଭାରତରେ ପ୍ରବେଶ କଲେ ଭାରତର ଶିଳ୍ପଗୁଡିକ ପାଇଁ ଲାଭଜନକ ହେବ । ସଂପ୍ରତି ପ୍ରାୟ ୧ଲକ୍ଷ ଭାରତୀୟ ଛାତ୍ରଛାତ୍ରୀ ଅଷ୍ଟ୍ରେଲିଆରେ ଅଧ୍ୟୟନ କରୁଥିଲାବେଳେ ଆଗାମୀ ଦିନରେ ଏହି ସଂଖ୍ୟା ବୃଦ୍ଧି ପାଇବ । ଭାରତର ୩.୧ ଟ୍ରିଲିଅନ୍ ଅର୍ଥନୀତିକୁ ପାଞ୍ଚ ଟ୍ରିଲିଅନରେ ପହଞ୍ଚାଇବାକୁ ହେଲେ ଭିନ୍ନ ଭିନ୍ନ ରାଷ୍ଟ୍ରକୁ ରପ୍ତାନୀ ଓ ଆମଦାନୀ ସୁବିଧା କରିବାକୁ ହେବ । ଏପ୍ରକାର ବାଣିଜ୍ୟିକ ବୁଝାମଣା ଭାରତର ବ୍ୟବସାୟ ଓ ବାଣିଜ୍ୟକୁ ବିଶ୍ୱରେ ବୃଦ୍ଧି କରିବ, ଏଥିରେ କୌଣସି ସନ୍ଦେହ ନାହିଁ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଅଂଶୁଘାତରୁ ମୁକ୍ତି ପାଇବାର ପ୍ରାକୃତିକ ଉପାୟ

**ବିଜୟ କୁମାର ପୁଷ୍ଟି**



ସୂର୍ଯ୍ୟଙ୍କ ପ୍ରଖର ତାପ ଦିନକୁ ଦିନ ବଢ଼ି ଚାଲିଛି। ସମସ୍ତଙ୍କର ଗୋଟିଏ ଚିନ୍ତା - ଏ ପ୍ରଚଣ୍ଡ ରୁଦ୍ରତାପରୁ ମୁକ୍ତି ମିଳିବ କିପରି? ଗରମ ଦିନରେ ସାଧାରଣତଃ କମ ଭୋକ, ଅଧିକ ଶୋଷ ଏବଂ ଅତ୍ୟଧିକ ଝାଳ ବୋହିଥାଏ। ପାଖାପାଖି ଶରୀରରୁ ୨ରୁ ୨.୫ ଲିଟର ଅର୍ଥାତ ୧୦ଗ୍ଲାସ ଜଳୀୟ ଅଂଶ ଶରୀରରୁ ନିର୍ଗତ ହୁଏ। ତେଣୁ ଅତି କମ୍‌ରେ ଏହି ୧୦ ଗ୍ଲାସ ଜଳ ପ୍ରତ୍ୟହ ପିଇବା ଏକାନ୍ତ ଜରୁରୀ। ଏହିଭଳି ଶରୀରର ଉପଯୁକ୍ତ ଯତ୍ନର ଅଭାବ ହେଲେ ବଦହଜମୀ, ଅଜୀର୍ଣ୍ଣଝାଡ଼ା, ନାଳଝାଡ଼ା, କୋଷ୍ଠବଦ୍ଧତା ଏପରିକି ଝାଇଁମରା ପରି ତୀବ୍ର ସମସ୍ୟା ଦେଖାଦେଇଥାଏ। ଅବଶ୍ୟ ଏହା ବୟସର ଭିନ୍ନତା, ଶରୀରର ଶକ୍ତି, ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନ ପ୍ରଣାଳୀର ତାରତମ୍ୟ ହେତୁ ହୋଇଥାଏ। ତେଣୁ ଗ୍ରୀଷ୍ମଋତୁର ପ୍ରଚଣ୍ଡ ରୁଦ୍ରତାପ ଅର୍ଥାତ୍ ଅଂଶୁଘାତରୁ ରକ୍ଷା ପାଇବାକୁ ହେଲେ କେତେକ ଜରୁରୀ ବିଷୟ ପ୍ରତି ଧ୍ୟାନ ଦେବାକୁ ହୁଏ, ଫଳରେ ଶରୀର ସବୁବେଳେ ଥଣ୍ଡା ରହିଥାଏ।

ପ୍ରଥମତଃ ଖରାଦିନରେ ଅନ୍ତତଃ ୧୫ ଗ୍ଲାସ ପାଣି ପିଇବା ଜରୁରୀ। ଏକାଥରକେ ଅଧିକ ପାଣି ପିଇବା ଅନୁଚିତ। ଅଳ୍ପ ଅଳ୍ପ ପାଣି ଅଧିକ ଥର ପିଇଲେ ଭଲ। କେବଳ ସକାଳେ ଉଠି ୨/୩ ଗ୍ଲାସ ଉଷାପାନ କରିବା ବିଧେୟ। ଚା ପିଇବା ଭଳି ପାଣି ପିଆଯାଏ। ସବୁଠୁ ନିରାପଦ ହେଉଛି ଯୁଆଡ଼େ ଗଲେ ମଧ୍ୟ ପାଣି ବୋତଲ ଟିଏ ସାଥିରେ ରହିବା ଉଚିତ।

ଦ୍ୱିତୀୟରେ ସାଧାରଣତଃ ଦେଖାଯାଏ, ଗରମ ସମୟରେ ବିଭିନ୍ନ ପ୍ରକାର ଆଧୁନିକ ଥଣ୍ଡା ପାନୀୟ ଦିଆଯାଏ, ଯାହାକି ଅତି ବିପଦ ଜନକ। ଯଥା - ଆଇସକ୍ରିମ, ଆଧୁନିକ ଆକର୍ଷିତ ବିଭିନ୍ନ ଥଣ୍ଡା ପାନୀୟ, ପ୍ରାୟ ସମସ୍ତଙ୍କ ଫ୍ରିଜରେ ଭରପୁର ଥାଏ। ଏସବୁ ଆଧୁନିକ ଯୁଗର ନୂଆ ସଭ୍ୟତା ଏବଂ ନୂଆ ଫୂର୍ତ୍ତି। ଆପଣ ଜାଣନ୍ତି ଏ ଆଇସକ୍ରିରେ କ'ଣ ଅଛି? ସିନ୍ଥେଟିକକେମିକାଲ, ଡାଇଏଥିଲ ଗ୍ଲାଇକଲ (ଯେଉଁଥିରେ ରଙ୍ଗ ସଫା ହୁଏ), ଆଲଡି ହାଇଡେ, ସି-୧୭ (ଯଥା: ଲୁଗା ରଙ୍ଗ, ପ୍ଲାଷ୍ଟିକ ଏବଂ ରବରରେ ମିଶାଯାଏ), ପାଇପୋରନଲ ଇଥାଇଲ ଏସିଟାଟେ (ଯାହା ଚମଡ଼ା ଓ କପଡ଼ା କାରଖାନାକୁ ସଫା କରିବାରେ ବ୍ୟବହୃତ ହୁଏ) ବେଞ୍ଜିଲ ଏବଂ ବହୁ ପ୍ରକାର ଅପ୍ରାକୃତିକ ସୁଗନ୍ଧ ଦିଆଯାଏ। ଏହା ବ୍ୟତୀତ ବିଭିନ୍ନ ଥଣ୍ଡା ମୃଦୁପାନୀୟରେ ଚିନି ଶର୍କରା, ବିଭିନ୍ନ ଫଳରସର ସୁଗନ୍ଧିତ ରସ, ଗ୍ଲୁକୋଜ ପାଣି, ଅପ୍ରାକୃତିକ ରଙ୍ଗ, କାଫିନ, ଅମ୍ଳଜାତୀୟ ପଦାର୍ଥ, ରାସାୟନିକ ପଦାର୍ଥ, ଫେଣ ସୃଷ୍ଟି କାରୀ ପଦାର୍ଥ, କାର୍ବୋନିକ ଏସିଡ଼, ଫସଫୋରିକ ଏସିଡ଼ ଇତ୍ୟାଦି ବହୁ କ୍ଷତିକାରକ ପଦାର୍ଥ ଥାଏ ଯାହାକି ପାଟିକୁ ସୁଆଦ ଲାଗେ ସତ କିନ୍ତୁ ପେଟକୁ ବିଷାକ୍ତ କରେ। ଏଗୁଡ଼ିକ ଶରୀରର ଅଧିକ ତାପ ସୃଷ୍ଟିକାରୀ ରାସାୟନିକ ପଦାର୍ଥ ଯାହା ଶରୀର ମଧ୍ୟରୁ ରକ୍ତ ଶୋଷି ନିଏ ଏବଂ ବିଭିନ୍ନ ଅଂଶରେ ଅତି ମାରାତ୍ମକ ଭାବେ କୁପ୍ରଭାବ ପକାଇଥାଏ। ଅଧିକାଂଶ ବ୍ୟକ୍ତି ହୁଏତ ଏହାର ଭୟାବହତା ଜାଣି ନଥାନ୍ତି କିମ୍ବା ଜାଣି ମଧ୍ୟ ଏକଥାକୁ ହେ ଜ୍ଞାନ ମନେକରନ୍ତି। ପ୍ରତ୍ୟେକ ବ୍ୟକ୍ତି ତାତ୍ତ୍ୱିକ ଦୃଷ୍ଟିରୁ ଏହାର ପ୍ରସ୍ତୁତ ଜ୍ଞାନ କୌଶଳ ଜାଣିବା ବାଞ୍ଛନୀୟ। ଏ ଭଳି ପାନୀୟ ବ୍ୟବହାରଠାରୁ ଦୂରେଇ ରହିଲେ ହୁଏତ ଶରୀର ଥଣ୍ଡା ରହିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟ ମଧ୍ୟ ଅତୁଟ ରହିବ।

ତୃତୀୟତଃ ପ୍ରାକୃତିକ ଉପାୟରେ ଗ୍ରୀଷ୍ମଋତୁରେ ଥଣ୍ଡା ରହିବାର ବହୁତ ଉପାୟ ରହିଛି। ପ୍ରଥମେ ଖାଦ୍ୟକୁ ନିୟନ୍ତ୍ରଣ କରିବା ଉଚିତ। ଅତିରିକ୍ତ ମସଲାଯୁକ୍ତ ଖାଦ୍ୟ ଭଜା ବା ଛଣା ଖାଦ୍ୟ, ଅଧିକ ତେଲଯୁକ୍ତ ଖାଦ୍ୟ ହଜମ ନହୋଇ ଅଧିକ ଅମ୍ଳ ସୃଷ୍ଟି ହୁଏ ଫଳରେ ଶରୀରରେ ତାପ ବୃଦ୍ଧି ହୁଏ। ବରଂ ଯେଉଁ ଖାଦ୍ୟ ହଜମ କରାଏ ଏବଂ ଥଣ୍ଡା ରଖେ ଯଥା-ସାଲାଡ଼, ବିଭିନ୍ନ ଋତୁ ଫଳ, ସନ୍ତୁଳା, ଅକାଣ୍ଡିଆ ଚାଉଳର ଭାତ, ଚୋକଡ଼ଯୁକ୍ତ ଅଟାର ରୋଟି, ଗଜାମୁଗ, ଗଜାବୁଟ ଏବଂ ପାନୀୟ ମଧ୍ୟରେ ପରିବା ସିଝା ଝୋଳ, ସବୁଜ ଗହମ ଘାସ ରସ, ଦହିବରା, ସବୁଠାରୁ ଉପକାରୀ। ପରିବା ମଧ୍ୟରେ ଗାଜର, ବିଟ, ମୂଳା, ବିଲାତି ଏବଂ ସବୁଜ ଶାଗ ମଧ୍ୟରେ ପାଳଙ୍ଗ, ମେଥି, କୋଷଳା, ଥାଲକୁଡ଼ି, ଯେଉଁଥିରେ ଜଳୀୟ ଅଂଶ ଅଧିକ ଥାଏ ଏବଂ ପ୍ରାକୃତିକ ଖାଦ୍ୟସାର ଓ ଖଣିଜ ପଦାର୍ଥ ମିଳିବା ସହ ଅଧିକ ବନସ୍ପତୀୟ ରାସାୟନିକ ପଦାର୍ଥ ଏବଂ ପ୍ରାକୃତିକ ରଙ୍ଗ, ରସ ମଧ୍ୟ ଭରପୁର ଥାଏ, ସେହିଭଳି ଫଳ ମାନଙ୍କ ମଧ୍ୟରେ ଫୁଟି କାକୁଡି, ତରଭୁଜ, ଖାରଭୁଜ, ବେଲ, ସପୁରୀ, କମଳା, ମିଠା ଲେମ୍ବୁ ବହୁ ପରିମାଣରେ ଖାଇଲେ ଶରୀର ଥଣ୍ଡା ରହିଥାଏ। ଏ ସମୟରେ ଜ୍ୱର କିମ୍ବା ଅଜୀର୍ଣ୍ଣଝାଡ଼ା ହେଲେ କେବଳ ପାଣିରେ ଲେମ୍ବୁରସ, ପଇଡ଼ ପାଣି କିମ୍ବା ଦହି ଚଲା ଦିନେ ଦୁଇଦିନ ପିଇ ରହିଲେ ଜ୍ୱର କମିବା ସହ ଶରୀର ମଧ୍ୟ ଥଣ୍ଡା ରହେ।

ଆଧୁନିକ ସଭ୍ୟତାରେ ଅପ୍ରାକୃତିକ ଥଣ୍ଡା ପାନୀୟ ଏବଂ ମୃଦୁପାନୀୟ ଅପେକ୍ଷା ସବୁଠୁ ଉତ୍କୃଷ୍ଟ ହେଉଛି ପଇଡ଼ ପାଣି, ତରଭୁଜ ରସ, କମଳା ରସ, ଗାଜର ରସ, ଆଖୁରସ କିମ୍ବା ଲେମ୍ବୁରସ ସହ ମହୁ ଇତ୍ୟାଦି ଯାହାକି ସ୍ୱାସ୍ଥ୍ୟପକ୍ଷେ ହିତକର। ଗରମ ପାନୀୟ ଚା, କଫି ପରିବର୍ତ୍ତେ ବନସ୍ପତୀୟ ଚା କିମ୍ବା ଲେମ୍ବୁ ଚା, ଆଇସକ୍ରିମ ବଦଳରେ କଷ୍ଟାର୍ଡ ଫୁଟ, ଫଳ ସାଲାଡ଼ ଏବଂ ବସା ଦହି। ଏସବୁ ଖାଦ୍ୟ ଦ୍ୱାରା ଶରୀର ସୁସ୍ଥ ରହିବା ସଙ୍ଗେ ସଙ୍ଗେ ଥଣ୍ଡା ମଧ୍ୟ ରହିଥାଏ। ଏହା ବ୍ୟତୀତ ଅଂଶୁଘାତରୁ ମୁକ୍ତି ପାଇବା ପାଇଁ କେତେକ ପ୍ରତିଷେଧକ ବ୍ୟବସ୍ଥା ଅବଲମ୍ବନ କରିବାକୁ ପଡ଼ିଥାଏ। ଯଥା ପ୍ରତ୍ୟହ ୨/୩ ଥର ଥଣ୍ଡା ଜଳରେ ସ୍ନାନ କରିବା ବିଧେୟ। ସପ୍ତାହରେ ଥରେ ନିମ୍ବ ପାଣିରେ ସ୍ନାନ କଲେ ଶକ୍ତି ମିଳିବା ସଙ୍ଗେ ସଙ୍ଗେ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ହୋଇଥାଏ। ଖରା ସମୟରେ ବାହାରକୁ ଗଲେ ଧଳାକନାର ପ୍ୟାଣ୍ଟ ସାର୍ଟ ଓ ଟୋପି କିମ୍ବା ପଗଡ଼ି ବ୍ୟବହାର ସବୁଠାରୁ ନିରାପଦ। ଟାଣ ଖରାରେ ନବାହାରିବା ଭଲ। ଯଦି ଯାଆନ୍ତି, ମୁଣ୍ଡରେ ଓଦା ଗାମୁଛା ସହ ଟୋପି କିମ୍ବା ଛତା ସହ ପାଣି ବୋତଲ ସାଥିରେ ନେବା ଉଚିତ। ଯଥେଷ୍ଟ ପାଣି ପିଇ ବାହାରକୁ ଯିବା ଉଚିତ ଏବଂ ଆଖିରେ ସବୁଜ ରଙ୍ଗର ଚଷମା ପିନ୍ଧିଲେ ଭଲ। ଦେହ ଅବଶ ଲାଗିଲେ ଗଛ ଛାଇ କିମ୍ବା ଥଣ୍ଡା ଯାଗାରେ ବିଶ୍ରାମ ନେବା ଉଚିତ। ଏଥି ସହିତ ଶରୀରରେ ଅଧିକ ଗରମ ବୋଧ ହେଲେ ସଙ୍ଗେ ସଙ୍ଗେ



'ଶୀତଳୀ' ଓ 'ଶୀତ୍କାରୀ' ପ୍ରାଣାୟମ କଲେ ତାପମାତ୍ରା କମିଯାଏ। ପ୍ରତି ଘଣ୍ଟାରେ ଥରେ ପାଣି ପିଇ ମୁହଁ ହାତ ଥଣ୍ଡା ପାଣିରେ ଧୋଇ ଆଖିକୁ ମଧ୍ୟ ପାଣିଛିଟା ମାରିବା ଉଚିତ। ରାତିରେ ଖୋଲା ଯାଗାରେ କିମ୍ବା ଘର ଭିତରେ ଝରକା ଖୋଲି ଶୋଇବା ଅନୁଚିତ। ଘରର କବାଟ ଏବଂ ଝରକାରେ ଖସ ଖସ ବ୍ୟବହାର କରି ପାଣି ପକାଇଲେ ଥଣ୍ଡା ମିଳିବା ସଙ୍ଗେ ସଙ୍ଗେ ସୁଗନ୍ଧି ମିଳିଥାଏ। ଖରାଦିନେ ଆଖି ଥଣ୍ଡା ପାଇଁ କାକୁଡ଼ିକୁ କାଟି ଆଖି ଉପରେ ଲଗାନ୍ତୁ କିମ୍ବା ତୁଳାକୁ ଥଣ୍ଡା କରି ଆଖିରେ ଦେଲେ ମଧ୍ୟ ଉପକାର ମିଳେ। ତଳିପେଟରେ ଜଳପଟି କିମ୍ବା ପ୍ରତ୍ୟହ କଟି ସ୍ନାନ କରିବା ଉଚିତ। ମନେ ରଖନ୍ତୁ ପ୍ରକୃତିର ଋତୁଫଳ ଓ ପରିବା ଖାଆନ୍ତୁ - ଅଂଶୁଘାତରୁ ମୁକ୍ତି ପାଆନ୍ତୁ।

*-ସଂପାଦକ, ନିରାମୟାଃ, ସିଡ଼ିଏ, ସେକ୍ଟର-୯, କଟକ, ଦୂରଭାଷ : ୯୮୬୧୪୬୪୯୩୨*




## ରାମନବମୀ ସମନ୍ୱୟ ସମିତି ପକ୍ଷରୁ ଏକ ବିଶାଳ ଶୋଭା ଯାତ୍ରା ଅନୁଷ୍ଠିତ



ଖୋର୍ଦ୍ଧା,(ପି.ଏନ): ଆଜି ପବିତ୍ର ଶ୍ରୀରାମନବମୀ ଉପଲକ୍ଷେ ଖୋରଧା ରାମନବମୀ ସମନ୍ୱୟ ସମିତିର ତତ୍ତ୍ୱବଧାନରେ ସ୍ଥାନୀୟ ମୁକୁନ୍ଦପ୍ରସାଦ ମେଳ ପଡ଼ିଆ ଠାରୁ ଜରୁପୁଟ ମହାବୀର ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ବାଇକ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଯୁବକ ସାମିଲ ହୋଇଥିଲେ। ବାଇକ ଶୋଭା ଯାତ୍ରା ସହ ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇ ଉଠିଥିଲା।

## ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳଙ୍କ ଦ୍ୱିତୀୟ ପତ୍ନୀଙ୍କୁ ଗିରଫ କଲା ଭିଜିଲାନ୍ସ

ଭୁବନେଶ୍ୱର,(ପି.ଏନ): ଆୟ ବହିର୍ଭୂତ ସଂପତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ କାର୍ତିକେଶ୍ୱର ରାଉଳଙ୍କ ଦ୍ୱିତୀୟ ପତ୍ନୀ କଳ୍ପନା ପ୍ରଧାନଙ୍କୁ ଗିରଫ କରିଛି ଭିଜିଲାନ୍ସ। ଦୁର୍ନୀତିକୁ ପ୍ରୋତ୍ସାହନ ଦେବା ତଥା ଟଙ୍କା ଲୁଚାଇବାରେ ସହଯୋଗ କରିବା ଅଭିଯୋଗରେ କଳ୍ପନାଙ୍କୁ ଗିରଫ କରାଯାଇଛି। ପୂର୍ବରୁ ସହକାରୀ ଯନ୍ତ୍ରୀ କାର୍ତିକେଶ୍ୱର ରାଉଳ ମଧ୍ୟ ଗିରଫ ହୋଇଛନ୍ତି। ଅପରପକ୍ଷରେ କାର୍ତିକେଶ୍ୱର ରାଉଳଙ୍କ ସମ୍ପର୍କିୟଙ୍କ ଘରୁ ନଗଦ ୧ କୋଟି ୪୧ ଲକ୍ଷ ୬୨ ହଜାର ଟଙ୍କା ଓ ୩୫୪ ଗ୍ରାମ୍ ସୁନା ଠାବ କରିଛି ଭିଜିଲାନ୍ସ । କାର୍ତିକେଶ୍ୱରଙ୍କ ଦ୍ୱିତୀୟ ପତ୍ନୀଙ୍କ ଭଉଣୀଙ୍କ ଘରୁ ଏହି ଟଙ୍କା ଠାବ ହୋଇଛି । ଭୁବନେଶ୍ୱର ସାଲିଆ ସାହି ସ୍ଥିତ ଘରୁ ଏହି ଟଙ୍କା ଠାବ କରିଛି ଭିଜିଲାନ୍ସ। ଜେରା ବେଳେ ଦ୍ୱିତୀୟ ପତ୍ନୀ କଳ୍ପନା ପ୍ରଧାନ ଏହି ଗୁମର ଖୋଲିଛନ୍ତି। ଭଉଣୀ ଘରେ ଟଙ୍କା ଓ ସୁନା ଲୁଚାଇ ରଖିଥିବା ସ୍ୱୀକାର କରିବା ପରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ହୋଇଥିଲା । ବର୍ତମାନ ସୁଦ୍ଧା ଯନ୍ତ୍ରୀଙ୍କ ଠାରୁ ନଗଦ ୩ କୋଟି ୪୧ ଲକ୍ଷ ୬୬ ହଜାର ଟଙ୍କା ଜବତ ହୋଇଛି । ସେହିପରି ଭୁବନେଶ୍ୱର ଉପକଣ୍ଠସ୍ଥ ପୋଖରୀପୁଟରେ ତିନି ମହଲା ଘର ପାଇଁ ୭୮.୫୦ ଲକ୍ଷ ଦେଇଥିବା ସୂଚନା ମିଳିଛି। ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପ୍ରଥମେ ଭିଜିଲାନ୍ସ ଅଫିସରେ କାର୍ତିକେଶ୍ୱରଙ୍କ ଦ୍ୱିତୀୟ ପତ୍ନୀ, ଶାଳୀ ଓ ପୁତୁରାଙ୍କୁ ଅଟକ ରଖି ଜେରା କରାଯାଇଥିଲା। ପରେ ତାଙ୍କ ଦ୍ୱିତୀୟ ପତ୍ନୀଙ୍କୁ ଗିରଫ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଗତ ୬ ଓ ୭ ତାରିଖରେ ଚଢ଼ାଉ ବେଳେ ଭିଜିଲାନ୍ସ ଗଞ୍ଜାମ ଜିଲ୍ଲା ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ କାର୍ତିକେଶ୍ୱର ରାଉଳଙ୍କ ଘରୁ ନଗଦ ୨ କୋଟି ୩ ଲକ୍ଷ ୮୮୦ ଟଙ୍କା ଜବତ କରିଥିଲା। ଏହି ଟଙ୍କାକୁ ମିଶାଇ ତାଙ୍କର ୪.୭୬ କୋଟି ଟଙ୍କାର ସଂପତି ଠାବ କରାଯାଇଥିଲା। ତେବେ ଆଜି କାର୍ତିକେଶ୍ୱରଙ୍କ ଶାଳି (ଦ୍ୱିତୀୟ ପତ୍ନୀଙ୍କ ଭଉଣୀ)ଙ୍କ ଘରେ ଚଢ଼ାଉ ବେଳେ ଆହୁରି ୧.୪୧ କୋଟିରୁ ଅଧିକ ନଗଦ ଟଙ୍କା ଜବତ କରାଯାଇଛି।

## ଜିନ୍ଦଲ ଷ୍ଟେନଲେସ ଲିମିଟେଡର ଚତୁର୍ଥ ତ୍ରୟମାସିକ ଫଳାଫଳ

ନୂଆଦିଲ୍ଲୀ, (ପି.ଏନ): ଜିନ୍ଦଲ ଷ୍ଟେନଲେସ ଲିମିଟେଡର ଚତୁର୍ଥ ତ୍ରୟମାସିକ ଫଳାଫଳ ଘୋଷଣା କରାଯାଇଛି। ୨୦୨୨ରେ ଏହାର ମୋଟ ବିକ୍ରୟ ପରିମାଣ ୧,୦୧୧,୨୯୨ ଏମ୍‌ଟିରେ ପହଂଚିଛି। ଯାହା ୨୦୨୧ ତୁଳନାରେ ୨୩ ପ୍ରତିଶତ ବୃଦ୍ଧି ହୋଇଛି। ୨୦୨୨ ଚତୁର୍ଥ ତ୍ରୟମାସରେ ଏହାର ବିକ୍ରି ପରିମାଣ ୨୬୯,୧୬୮ ମେଟ୍ରିକ୍ ଟନ୍ ହୋଇଛି। ପୂର୍ବ ତ୍ରୟମାସ ତୁଳନାରେ ଏହା ୯% ବୃଦ୍ଧି ପାଇଥିବାବେଳେ ବାର୍ଷିକ ଆଧାରରେ ୬% ବୃଦ୍ଧି ହୋଇଛି। କଂଚାମାଲ ଯୋଗାଣ ଏବଂ ସାମଗ୍ରୀରେ ଅସ୍ଥିରତା ଏବଂ ବିଶ୍ୱ ଅର୍ଥନୀତିରେ ସଙ୍କଟ ସତ୍ତ୍ୱେ ୨୦୨୨ ଚତୁର୍ଥ ତ୍ରୟମାସରେ ଏହାର ରପ୍ତାନୀ ଦୁଇଗୁଣା ହୋଇ ୩୨% ଛୁଇଁଛି। ଅପରପକ୍ଷରେ ୨୦୨୧ର ଚତୁର୍ଥ ତ୍ରୟମାସ ତୁଳନାରେ ଏହା ୧୬% ବୃଦ୍ଧି ହୋଇଛି।୨୦୨୨ ଚତୁର୍ଥ ତ୍ରୟମାସରେ ଚୀନ ଏବଂ ଇଣ୍ଡୋନେସିଆରୁ ଶସ୍ତା ଷ୍ଟେନଲେସ ଷ୍ଟିଲ ଆମଦାନୀ ଦ୍ୱାରା ଘରୋଇ ବଜାର ବାଧାପ୍ରାପ୍ତ ହୋଇଥିଲା। ଲିଫ୍ଟ, ଏଲିଭେଟର ଏବଂ ରେଳ ପରି ବିଭାଗରେ ଘରୋଇ ଚାହିଦା ବୃଦ୍ଧି ପାଇଥିଲା। ହୋଲଓ୍ୱେୟାର ଏବଂ ପାଇପ ଆଣ୍ଡ ଟ୍ୟୁବ ପରି ସେଗମେଂଟଗୁଡିକର ଚାହିଦା ସ୍ଥିର ରହିବାରୁ ଚ୍ୟାନେଲ ଡି-ଷ୍ଟକିଂ ଯୋଗୁ କଂଚାମାଲ ମୂଲ୍ୟରେ ବୃଦ୍ଧି ଘଟିଥିଲା।

## ଚାକିରି ନାଁରେ ଠକେଇ, ୪ ଗିରଫ

ଭୁବନେଶ୍ୱର, (ପି.ଏନ): ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ଚାକିରି ଦେବାକୁ କହି ଠକେଇ ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ୍ । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଗୋଟିଏ ଟେଲିକମ୍ ସଂସ୍ଥାର ଟେରିଟୋରିଆଲ୍‌ସେଲ୍‌ସ ମ୍ୟାନେଜର ରହିଛନ୍ତି। ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ ଏନେଇ ସୂଚନା ଦେଇ କହିଛନ୍ତି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ବଲାଙ୍ଗିରରେ ଚାକିରି ଦେବାକୁ କହି ଠକିଥିଲେ। ଏହି ସମ୍ପର୍କରେ ସାଇବର ଥାନାରେ ଅଭିଯୋଗ ହୋଇଥିଲା। ବିଭିନ୍ନ ସ୍ଥାନରେ ଚଢାଉ ପରେ ଠକେଇରେ ସମ୍ପୃକ୍ତ ଏକ ଟେଲିକମ୍ ସଂସ୍ଥାର ଟେରିଟୋରିଆଲ୍ ସେଲ୍‌ସ ମ୍ୟାନେଜର ଅରୁଣ ଘୋଷ , ପଏଂଟ ଅଫ୍ ସେଲ୍‌ସ ମ୍ୟାନ୍ ସ୍ମୃତିରଞ୍ଜନ ମହାନ୍ତିଙ୍କୁ ଗିରଫ କରିଛି। ଏଥିସହ ଅରୁଣଙ୍କ ଆକାଉଂଟରେ ଥିବା ୬୦ ଲକ୍ଷ ଟଙ୍କାକୁ ଜବତ କରିଛି। ସେମାନଙ୍କଠାରୁ ୭୨ଟି ପ୍ରି ଆକ୍ଟିଭେଟେଡ୍ ସିମ୍ ଜବତ କରିଛି ପୋଲିସ୍। ସେହିପରି ଗିରଫ ଆଉ ୨ ଅଭିଯୁକ୍ତ ହେଲେ ବାନାମ୍ବର ପ୍ରଧାନ ଓ ଚୁନ୍ନିଲାଲ ପୃଷ୍ଟି। ଡିସିପି କହିଛନ୍ତି ସମ୍ପୃକ୍ତ ଠକମାନେ ଠକେଇ ପାଇଁ ପ୍ରି ଆକ୍ଟିଭେଟେଡ୍ ସିମ୍ ବ୍ୟବହାର କରୁଥିଲେ। ଚାକିରି ଦେବା ନାଁରେ ପ୍ରଥମେ ଫୋନ୍ କରୁଥିଲେ। କଥାବାର୍ତା ଛଳରେ ଆଶାୟୀଙ୍କ ବିଶ୍ୱାସଭାଜନ ହେଉଥିଲେ। ତା'ପରେ ନକଲି ଇ-ମେଲ୍ ଆଇଡିରେ ଆଶାୟୀଙ୍କଠାରୁ ଡକୁମେଂଟ ମାଗୁଥିଲେ। ଚାକିରି ପାଇବା ଆଶାରେ ଆଶାୟୀମାନେ ସବୁ ଡକୁମେଂଟ ପଠାଇ ଦେଉଥିଲେ। ଏହା ପରେ ସାଇବର ଠକମାନେ ଗୋଟିଏ ନକଲି ଚାକିରି ଆଶାୟୀଙ୍କ ତାଲିକା କରି ସମସ୍ତଙ୍କ ପାଖକୁ ପଠାଉଥିଲେ। ଏହି ତାଲିକା ଦେଖିବା ପରେ ଆଶାୟୀଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଉଥିଲା। ଏହାର ସୁଯୋଗ ନେଇ ସାଇବର ଠକମାନେ ଟଙ୍କା ମାଗୁଥିଲେ। ଚାକିରି ଆଶାୟୀଙ୍କଠାରୁ ଟଙ୍କା ପାଇବା ପରେ ସାଇବର ଠକମାନେ ସବୁ ସମ୍ପର୍କ ତୁଟାଇ ଦେଉଥିଲେ। ଭବିଷ୍ୟତରେ ଯେଉଁ ଟେଲିକମ୍ କମ୍ପାନୀ ନକଲି କାଗଜପତ୍ରରେ ପ୍ରି ଆକ୍ଟିଭେଟ୍ ସିମ୍ କାର୍ଡ ଦେଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଠକାମୀରେ ଯଦି ଅନ୍ୟ କେହି ଶିକାର ହୋଇଥାଆନ୍ତି, ତାହାହେଲେ ସେମାନେ ଅଭିଯୋଗ କରିପାରିବେ। ତଦନ୍ତରେ ବ୍ୟାଙ୍କକୁ ସାମିଲ କରାଯିବ ବୋଲି ଡିସିପି କହିଛନ୍ତି।

## ୯ ସହରର ତାପମାତ୍ରା ୪୦ ପାର୍

ଭୁବନେଶ୍ୱର, (ପି.ଏନ): ସାରା ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରି ରହିଛି। ଶନିବାର ଦିନ ରାଜ୍ୟର ୯ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି। ୪୧.୫ ଡିଗ୍ରୀ ସହ ବଲାଙ୍ଗିର ଓ ବୌଦ୍ଧ ସର୍ବାଧିକ ଉତପ୍ତ ସହର ପାଲଟିଛନ୍ତି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଶନିବାର ଦିନ ଝାରସୁଗୁଡ଼ାରେ ୪୧.୪° ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ , ଟିଟିଲାଗଡ଼ ଓ ବାରିପଦାରେ ତାପମାତ୍ରା ୪୧ ଡିଗ୍ରୀ , ସୋନପୁରରେ ୪୦.୮°, ଅନୁଗୁଳରେ ୪୦.୭ ଡିଗ୍ରୀ ,ତାଳଚେରରେ ୪୦.୪° ଓ ସମ୍ବଲପୁରରେ ତାପମାତ୍ରା ୪୦.୨ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୩୬.୮ ଡିଗ୍ରୀ, କଟକରେ ୩୬.୨ ଡିଗ୍ରୀ ରେକର୍ଡ କରାଯାଇଛି।

## କାଳବୈଶାଖୀ ସମ୍ଭାବନା, ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, (ପି.ଏନ): ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡଘଡି , ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏସମ୍ପର୍କରେ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କେନ୍ଦୁଝର, ମୟୂରଭଂଜ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ ଓ ଗଜପତି ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ ଝଡ଼ବର୍ଷା ଜନିତ କାଳବୈଶାଖୀ ହେବାର ସମ୍ଭାବନା ରହଥିବାରୁ ଏହି ୮ଟି ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ଏହା ବ୍ୟତୀତ ଏହି ସମୟ ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଂଜାମ, କନ୍ଧମାଳ, ନବରଙ୍ଗପୁର, କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା/ ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଏକ ସତର୍କ ସୂଚନାରେ କୁହାଯାଇଛି ।ସେହିପରି ୧୦ ତାରିଖରୁ ୧୧ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି ଓ ଗଂଜାମ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟ ପକ୍ଷରେ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଆସନ୍ତା ୫ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତନ ହେବାର ସମ୍ଭାବନା ନାହିଁ। ତେବେ ଆଭ୍ୟନ୍ତରୀଣ ଓଡିଶାର ଜିଲ୍ଲାଗୁଡ଼ିକର କିଛି ସ୍ଥାନରେ ଦିନର ତାପମାତ୍ରା ସ୍ୱାଭାବିକ ଠାରୁ ୨ରୁ ୩ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ଅଧିକ ରହିପାରେ।

## ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱାଧୀନ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରାଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଳତରେ ଫଇସଲା ସରି ନିଷ୍ପତି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବର୍ତମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟ୍ରେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଭ । ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗୃହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/୦୨/୨୦୧୪ କଟ ଅଫ ଡେଟ ପରିବର୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଳା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ, ୧୮ ବର୍ଷରୁ ଅଧିକ ବର୍ଷର ପୁଅଝିଅ ମାନଙ୍କୁ ଥଇଥାନ ରାଶି ମିଳିବା ସକାଶେ ଆବେଦନ କରିବାକୁ କୁହାଯାଇଥିଲା କିନ୍ତୁ କିଛି ହିତାଧିକାରୀଙ୍କ ତାଲିକା ମଞ୍ଜୁର ପାଇଁ ସରକାରଙ୍କୁ ପଠାଯାଇଥିବା ବେଳେ କେତେକଙ୍କ ଆଜି ପର୍ଯ୍ୟନ୍ତ ପଠାଯାଇନଥିବା, ଜଳସମ୍ପଦ ବିଭାଗର ପତ୍ର ମୁତାବକ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ସକାଶେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେଇଥିବା ଲିଖିତ ପ୍ରତିଶୃତି ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ, ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଯଥା ପ୍ରମୁଖ ଦାବୀ ରହିଛି । ଏହି ଦାବୀପତ୍ର ପ୍ରଦାନ ବେଳେ ବିସ୍ଥାପିତ ସହାୟତା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ ଏବଂ ସମ୍ପାଦକ ଗୋପିନାଥ ଗଉଡ ଉପସ୍ଥିତ ଥିଲେ ।

## ରାଜ୍ୟବାସୀଙ୍କୁ କେବେ ମିଳିବ ବିଶୁଦ୍ଧ ପାନୀୟ ଜଳ ?: ବିଜେପି

ଭୁବନେଶ୍ୱର, (ପି.ଏନ): ଜଳ ଜୀବନ ମିଶନ ଜରିଆରେ ୨୦୨୪ ମସିହା ସୁଦ୍ଧା ଦେଶର ସମସ୍ତ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ମୋଦି ସରକାର ଏକ ମହତ ଯୋଜନାର ଶୁଭାରମ୍ଭ କରିଥିଲେ । ସ୍ୱାଧୀନତା ପରଠାରୁ ୨୦୧୯ ପର୍ଯ୍ୟନ୍ତ ଦେଶର ମାତ୍ର ୩.୨୩ କୋଟି ଘରେ ପାଇପ ଯୋଗେ ଜଳ ପହଂଚି ପାରିଥିଲା । ମାତ୍ର ମୋଦି ସରକାରଙ୍କ ଦୃଢ ସଂକଳ୍ପ କାରଣରୁ ଗତ ୩ ବର୍ଷରେ ୯ କୋଟି ୪୦ ଲକ୍ଷରୁ ଅଧିକ ଘରକୁ ପାଇପ ଯୋଗେ ବିଶୁଦ୍ଧ ଜଳ ଯୋଗାଣ ସମ୍ଭବ ହୋଇଛି ବୋଲି ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ କହିଛନ୍ତି ।କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିବାର ପ୍ରୟାସ ଜାରୀ ରଖିଛନ୍ତି । ଗତ ୬ ତାରିଖରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ବିଜେପି କାର୍ଯ୍ୟକର୍ତାମାନେ 'ସାମାଜିକ ନ୍ୟାୟିକ ପକ୍ଷ' ପାଳନ ଅବସରରେ ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ସାଧାରଣ ଜନତାଙ୍କୁ ଅବଗତ କରାଇ ସଚେତନ ସୃଷ୍ଟି କରୁଛନ୍ତି। 'ସାମାଜିକ ନ୍ୟାୟିକ ପକ୍ଷ'ର ୪ର୍ଥ ଦିବସ ଅବସରରେ ଆଜି କେନ୍ଦ୍ର ସରକାରଙ୍କ "ହର୍ ଘର୍, ନଲ୍ ପେ ଜଲ୍" ଯୋଜନା ସଂପର୍କରେ ଲୋକଙ୍କ ଗହଣକୁ ଯାଇ ସଚେତନ ସୃଷ୍ଟି କରାଯାଉଛି ବୋଲି ସେ କହିଛନ୍ତି ।ଅପରପକ୍ଷରେ ରାଜ୍ୟରେ ଜଳସଂକଟ କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି । ରାଜ୍ୟର ସବୁ ନଦୀ, ନାଳ ଏକ ପ୍ରକାର ଶୁଷ୍କ ହେଲାଣି। ୨୨ବର୍ଷ ଶାସନ କ୍ଷମତାରେ ରହି ମଧ୍ୟ ଜଳ ସଂରକ୍ଷଣ ବ୍ୟବସ୍ଥାରେ ଫେଲ ହୋଇଥିବା ନବୀନ ସରକାର ରାଜ୍ୟରେ ସାମାନ୍ୟ କେନାଲଟିଏ ମଧ୍ୟ ନିର୍ମାଣ କରିବାରେ ବିଫଳ ହୋଇଛନ୍ତି । ରାଜ୍ୟରେ ୩୧୪ ବ୍ଲକରୁ ୧୬୦ଟି ବ୍ଲକରେ ପାନୀୟ ଜଳ ପ୍ରକଳ୍ପ କାଗଜ କଲମରେ ସୀମିତ ରହିଛି। ରାଜ୍ୟର ୫୬ ପ୍ରତିଶତ ଗ୍ରାମାଂଚଳରେ ପାନୀୟ ଜଳ ବ୍ୟବସ୍ଥା ନାହିଁ । ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା ଗଞ୍ଜାମରେ ୨୩୭ଟି ପ୍ରକଳ୍ପରୁ ୧୧୩ଟି ପ୍ରକଳ୍ପ ବର୍ତମାନ ସୁଦ୍ଧା ଆରମ୍ଭ ହୋଇପାରିନାହିଁ । ଜାତୀୟସ୍ତରରେ ୮୩ ପ୍ରତିଶତ ବିଦ୍ୟାଳୟ ଏବଂ ୭୮ ପ୍ରତିଶତ ଅଙ୍ଗନବାଡି କେନ୍ଦ୍ରକୁ ପାନୀୟ ଜଳ ବ୍ୟବସ୍ଥା ଥିବାବେଳେ ଓଡିଶାରେ ୬୭ ପ୍ରତିଶତ ବିଦ୍ୟାଳୟ ଏବଂ ୫୪ ପ୍ରତିଶତ ଅଙ୍ଗନବାଡିରେ ପାନୀୟ ଜଳ ଯୋଗାଣ ହୋଇଛି । ଏପରିକି ଓଡିଶାର ୪୦ ପ୍ରତିଶତ ଗ୍ରାମରେ 'ଗ୍ରାମ ଜଳ ଓ ପରିମଳ କମିଟି' ଗଠନ ସମ୍ଭବ ହୋଇନାହିଁ । ଗତ ୨୦୧୯ ମସିହା ଡିସେମ୍ବର ୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ କରକମଳରେ ଶୁଭ ଦେଇଥିବା ୧୧୦ଟି ମେଗା ଜଳ ପ୍ରକଳ୍ପ ଶେଷ ହୋଇନାହିଁ । ୨୦୨୧-୨୨ ଆର୍ଥିକ ବର୍ଷରେ ପାନୀୟ ଜଳ ବାବଦରେ ରାଜ୍ୟ ସରକାର ମାତ୍ର ୪୨.୦୭ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ୨୦୧୯ ମସିହାରୁ ପାନୀୟ ଜଳ ପ୍ରକଳ୍ପ ବାବଦରେ ୧୨୯୮.୭୧ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନକୁ ବ୍ୟବହାର କରିବାରେ ରାଜ୍ୟ ସରକାର ବିଫଳ ହୋଇଥିଲେ। ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ପାନୀୟ ଜଳ ବାବଦରେ ଖର୍ଚ୍ଚ ନକରିପାରିବା କାରଣରୁ ୮୩୧ କୋଟି ଟଙ୍କା ଫେରିଯିବା ରାଜ୍ୟ ସରକାରଙ୍କ ଅପାରଗତାକୁ ସ୍ପଷ୍ଟ ପ୍ରମାଣିତ କରିଛି ବୋଲି ଶ୍ରୀ ବଳିୟାରସିଂହ କହିଛନ୍ତି ।ପାନୀୟ ଜଳ ପ୍ରକଳ୍ପ ପାଇଁ ରାଜ୍ୟରେ ବହୁ ସ୍ଥାନରେ ପାଇପ ପଡି ରହିଛି, କିନ୍ତୁ ବିଜୁଳି ସଂଯୋଗ ହୋଇନାହିଁ । ଅନ୍ୟ ପଟେ କେନ୍ଦ୍ରୀୟ ଅନୁଦାନକୁ ରାଜ୍ୟ ସରକାର ବଡ ବଡ ହୋର୍ଡିଂ ଓ ବିଜ୍ଞାପନ ଜରିଆରେ କେବଳ ଦଳୀୟ ପ୍ରଚାର କାର୍ଯ୍ୟରେ ବ୍ୟବହାର କରୁଛନ୍ତି ଅଥଚ କେନ୍ଦ୍ର ଜଳଜୀବନ ମିଶନ ଲୋଗୋ କିମ୍ବା କେନ୍ଦ୍ରୀୟ ଅନୁଦାନ ସଂପର୍କରେ କୌଣସି ସୂଚନା ନାହିଁ । ସମସ୍ତଙ୍କୁ ପାନୀୟ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟ ନେଇ ମିଶନ ମୋଡରେ ଆରମ୍ଭ ହୋଇଥିବା କେନ୍ଦ୍ରୀୟ ଯୋଜନା "ହର୍ ଘର୍, ନଲ୍ ପେ ଜଲ୍" ଯୋଜନାକୁ ରାଜ୍ୟରେ ସଠିକ ଏବଂ ନିର୍ଦ୍ଧାରିତ ସମୟରେ ସମାପ୍ତ କରିବା ପାଇଁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରନ୍ତୁ ଏବଂ କେବେ ସୁଦ୍ଧା ସମସ୍ତ ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବେ ତାହା ସ୍ପଷ୍ଟ ଭାବେ ଘୋଷଣା କରିବାକୁ ଶ୍ରୀ ବଳିୟାରସିଂହ ଦାବୀ କରିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟତମ ରାଜ୍ୟ ମୁଖପାତ୍ର ବିରଂଚି ନାରାୟଣ ତ୍ରିପାଠୀ ଏବଂ ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ ।

MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଗଡ଼ ଖୋର୍ଦ୍ଧା ଓ ବାଟ ମଙ୍ଗଳା ଛକରେ ଅଣ୍ଡର ପାସ୍ ନିର୍ମାଣ ପ୍ରସଙ୍ଗ:ଅଣ୍ଡର ପାସ୍ ନିର୍ମାଣ ନହେବା ପର୍ଯ୍ୟନ୍ତ ରାଜପଥରେ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ବନ୍ଦ




ଖୋର୍ଦ୍ଧା,(ପି.ଏନ) :୧୬ ନମ୍ବର ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଓ ବାଟମଙ୍ଗଳା ଛକରେ ଅଣ୍ଡରପାସ୍ ନିର୍ମାଣ ନ ହେବାପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ ଅଫିସ୍ ଠାରୁ ବରୁଣେଇ ହୋଟେଲ ପର୍ଯ୍ୟନ୍ତ ଜାତୀୟ ରାଜପଥ ଉପରେ ସମସ୍ତ ନିର୍ମାଣ କାର୍ଯ୍ୟକୁ ଆଜି ଖୋର୍ଦ୍ଧା ବିକାଶ ପରିଷଦର ଆନ୍ଦୋଳନକାରୀ ମାନେ ବନ୍ଦ କରି ଦେଇଛନ୍ତି । ପ୍ରକାଶଥାଉକି, ଗଡ଼ ଖୋର୍ଦ୍ଧା ଛକ ଏକ ଦୁର୍ଘଟଣା ପ୍ରବଣ ସ୍ଥାନ ହୋଇଥିବାରୁ ସେଠାରେ ଦୁର୍ଘଟଣାରେ ଅନେକ ଲୋକପ୍ରାଣ ହରାଉଛନ୍ତି ।ଏଥି ସହିତ ବାଟ ମଙ୍ଗଳା ଛକ ଖୋର୍ଦ୍ଧା ସହରକୁ ମୁଖ୍ୟ ପ୍ରବେଶ ପଥ ହୋଇଥିବାରୁ ଏଠାରେ ଥିବା ଅଣ୍ଡର ପାସ୍ ମଧ ଦେଇ ଟ୍ରକ ଓ ବସ୍ ଯାଇପାରେ ନାହିଁ । ଉପରୋକ୍ତ ଦୁଇଟି କାର୍ଯ୍ୟକୁ ନିର୍ମାଣ କରିବା ପାଇଁ ବାରମ୍ବାର ଦାବୀ ହୋଇ ଆସୁଥିଲେ ମଧ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଗ୍ରହଣ କରିଆସୁଛନ୍ତି । ଏହାର ପ୍ରତିବାଦରେ ଗତ ୮ ତାରିଖ ଦିନ ବିକାଶ ମଂଚର ପ୍ରତିନିଧିମାନେ ଯାଇ ଭୁବନେଶ୍ୱରରେ ଥିବା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଦାବୀ ପତ୍ର ଦେବା ସଙ୍ଗେ ସଙ୍ଗେ ଏହାର କାର୍ଯ୍ୟକାରିତା ପାଇଁ ୪୮ ଘଣ୍ଟା ମହଲତ ଦେଇଥିଲେ । ଆଜି ପର୍ଯ୍ୟନ୍ତ ଏ ସମ୍ପର୍କରେ ରାଜପଥ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ଦିନ ୧୦ଘ. ସମୟରେ ବିକାଶ ମଂଚର ସଭାପତି ଆଇନ୍‌ଜୀବୀ ନରେନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ମଂଚର ସଭ୍ୟମାନେ ଜାତୀୟ ରାଜପଥ ଉପରେ ସଭା ଓ ଶୋଭାଯାତ୍ରା କରିବା ସଙ୍ଗେ ସଙ୍ଗେ ଉକ୍ତ ରାଜପଥ ଉପରେ ଚାଲୁଥିବା ସମସ୍ତ କାର୍ଯ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଦେଇଛନ୍ତି । ଆଜିର ଏହି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର, ପୂର୍ବତନ ସଭାପତି ନୃସିଂହ ମିଶ୍ର, ଆଇନ୍‌ଜୀବୀ ବିକ୍ରମ ଚମ୍ପତି, ନାସିରୁଦ୍ଦିନ୍ ଖାଁ , ୪ ନଂ କାଉନସିଲର ପ୍ରଶାନ୍ତ ସେଠୀ, ୬ନଂ କାଉନସିଲର କମଳ ପ୍ରଧାନ,ସମାଜସେବୀ ସଂଜୟ ପଟ୍ଟନାୟକ, ରବି ସ୍ୱାଇଁ, ଇତିଶ୍ରୀ ସାହୁ, ବିଜୟ ସମ୍ପତି, ରାଜେନ୍ଦ୍ର ସେନାପତି, ଶତୃଘ୍ନ ସାହୁ, ଶୁଭ୍ରଜିତ୍ ମଙ୍ଗରାଜ, ଅନନ୍ତ କାଣ୍ଡି, ସୁବାସ ନାୟକ, ସନ୍ତୋଷ ମହାନ୍ତି, ପ୍ରମୋଦ ମାନଧାତା ପ୍ରମୁଖ୍ ସାମିଲ ହୋଇଥିଲେ ।

## ଭୁବନଶ୍ୱେର ସୈନିକସ୍କୁଲରେ ଆଡମିଶନ ପାଇଁ ଏଆଇଏସଏସଇଇ ରେଜଲ୍ଟ ପ୍ରକାଶିତ

ଭୁବନେଶ୍ୱର, (ପି.ଏନ): ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ସୈନିକସ୍କୁଲ ଭୁବନେଶ୍ୱରରେ ଷଷ୍ଠ ଶ୍ରେଣୀରେ ଆଡମିଶନ ପାଇଁ ଅଲଇଣ୍ଡିଆ ସୈନିକସ୍କୁଲ ପ୍ରବେଶିକା ପରୀକ୍ଷା (ଏଆଇଏସଏସଇଇ)୨୦୨୨ର ଅନ୍ତିମ ଫଳାଫଳ ୦୭ ଏପ୍ରିଲରେ ଘୋଷଣା କରାଯାଇଛି । ଭୁବନେଶ୍ୱର ସୈନିକସ୍କୁଲ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ , ଏହା ବିଦ୍ୟାଳୟର ୱେବସାଇଟ୍ ରେ ଉପଲବ୍ଧ । ସୂଚନାନୁସାରେ , ବିଦ୍ୟାଳୟ ୧୮ ଏପ୍ରିଲରୁ ମୁଖ୍ୟ ତାଲିକାରେ ମେଡିକାଲର ଫିଟ୍ ପ୍ରାର୍ଥୀଙ୍କୁ ଗ୍ରହଣ କରିବା ଆରମ୍ଭ କରିବ । ପ୍ରାରମ୍ଭିକ ଡାକ୍ତରୀ ପରୀକ୍ଷାରେ ଅନୁପଯୁକ୍ତ ଥିବା ପ୍ରାର୍ଥୀଙ୍କ ପାଇଁ ସମୀକ୍ଷା ଡାକ୍ତରୀ ପରୀକ୍ଷା ୧୨ ଏପ୍ରିଲ ରେ କଟକ ଏସ.ସି.ବି . ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଧାର୍ଯ୍ୟ କରାଯାଇଛି ।

## ମୋ ମା ବିରଜା କ୍ୟାସେଟ୍ ଉନ୍ମୋଚନ




ଚଣ୍ଡିଖୋଲ,(ପିଏନ):ଚଣ୍ଡିଖୋଲ ଗାନ୍ଧିଛକ ସ୍ଥିତ ବୀଣାପାଣୀ କଳାପୀଠ ପ୍ରଯୋଜିତ ଏକ ଅଡ଼ିଓ ସିଡ଼ି କ୍ୟାସେଟ୍ ମୋ ମା ବିରଜା ଉନ୍ମୋଚିତ ହୋଇଯାଇଛି । ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ଉପରେ ଆଧାରିତ କ୍ୟାସେଟ୍‌ର ଗୀତ ପ୍ରଫୁଲ୍ଲ କୁମାର ସେଠୀ ଓ ସନ୍ତୋଷ କୁମାର ସେଠୀ ଲେଖିଥିଲା ବେଳେ ଗୀତଗୁଡ଼ିକୁ ପ୍ରଜ୍ଞାପ୍ରୀୟା ଓ କରୁଣାକର କଣ୍ଠଦାନ କରିଛନ୍ତି । ଏହାର ସଂଗୀତ ନିର୍ଦ୍ଦେଶନା ବିପିନ ବିହାରୀ ସ୍ୱାଇଁ ଦେଇଥିଲା ବେଳେ ନୃତ୍ୟ ନିର୍ଦ୍ଦେଶନା ରାଜନାରାୟଣ ପଣ୍ଡା ଦେଇଛନ୍ତି । ଏଥିରେ ଉନ୍ମୋଚକ ଭାବେ ପଣ୍ଡିତ ଭୂପତି ମିଶ୍ର ଓ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁକ୍ତି ମଣ୍ଡପ ସେବାୟତ ପରିଷଦର ସଭାପତି ଦେବୀ ପ୍ରସାଦ ପାଣୀ, ବରିଷ୍ଠ ସେବୟତ ସୁବାଶ ଚନ୍ଦ୍ର ପାଣି, ପୂର୍ବତନ ସାଂସଦ ଅଂଚଳ ଦାସ, ସାହିତ୍ୟିକ ନଟବର ଦାସ, ପ୍ରଶାନ୍ତ ରାଉତରାୟ, ହରିହର ସ୍ୱାଇଁ, ଅଧ୍ୟାପକ ଡ଼ଃ କୈଳାସ ଚନ୍ଦ୍ର ବେହେରା, ସ୍ଥାନୀୟ ତହସିଲଦାର ସୁରେନ୍ଦ୍ର ରଣା, ଡ଼ଃ ସତ୍ୟରଂଜନ ପତି, ଅଭିନେତ୍ରୀ ରୋସନ, ଲୋପା, ଇଚ୍ଛାମୟୀ ଧଳ, ଦେବେଶ୍ୱର ସ୍ୱାଇଁ, ସ୍ୱରୀ ରଂଜିତା ପ୍ରମୁଖ ଯୋଗ ଦେଇଥିଲେ ।

## ଆମ୍ବେଦକର ଜୟନ୍ତୀ ପାଇଁ 'ସେବାସ୍ତମ୍ଭ' ମହାସଂଘ ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ

ରାଇରଙ୍ଗପୁର,(ପି.ଏନ): ଅଖିଳ ଭାରତୀୟ ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ ଏବଂ ସଂଖ୍ୟାଲଘୁ କର୍ମଚାରୀ କଲ୍ୟାଣ ମହାସଂଘ 'ସେବାସ୍ତମ୍ଭ' ତରଫରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କ ମଧ୍ୟରେ ଏକ ଜିଲ୍ଲାସ୍ତରୀୟ ଆମ୍ବେଦକର ସ୍ୱତନ୍ତ୍ର ପ୍ରତିଯୋଗିତା ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଶହେରୁ ଅଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।ଏଥିରେ 'ସେବାସ୍ତମ୍ଭ'ର ଜିଲ୍ଲା ଉପଦେଷ୍ଟା ମୋଚିରାମ ମାଝୀ ଓ ରାଷ୍ଟ୍ରୀୟ ସମ୍ପାଦକ ବିଜୟ କୁମାର ରାମ ଯୋଗଦେଇ ତାଙ୍କର ବକ୍ତବ୍ୟ ଦେଇଥିଲେ । ଏହି ପ୍ରତିଯୋଗିତାରେ ଆମ୍ବେଦକରଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରଯିବା ସହିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରା ଯାଇଥିଲା । ପ୍ରତିଯୋଗୀମାନେ ଆମ୍ବେଦକରଙ୍କ ଆକର୍ଷଣୀୟ ଚିତ୍ରାଙ୍କନ କରି ପ୍ରଶଂସିତ ହୋଇଛନ୍ତି । ସମସ୍ତ ଓ ବିଜେତା ଓ ପ୍ରତିଯୋଗିମାନଙ୍କୁ ଏପ୍ରିଲ ୧୪ ତାରିଖ ଆମ୍ବେଦକର ଜୟନ୍ତୀରେ ପୁରସ୍କୃତ କରିବାର କାର୍ଯ୍ୟକ୍ରମ ରହିଛି ।

## ମଞ୍ଜୁଲତା କହଁର ବିଏମସି ଡେପୁଟି ମେୟର

ଭୁବନେଶ୍ୱର, (ପି.ଏନ): ୨୨ ନମ୍ବର ୱାର୍ଡର କର୍ପୋରେଟର ମଞ୍ଜୁଲତା କହଁର ବିଏମସି ଡେପୁଟି ମେୟର ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ୨୨ ନମ୍ବର ୱାର୍ଡର କର୍ପୋରେଟର ମଞ୍ଜୁଲତା କହଁରଙ୍କୁ ବିଜେଡି ବିଏମସି ଡେପୁଟି ମେୟର୍ ପ୍ରାର୍ଥୀ କରିଥିଲା । ବିଜେପି ପକ୍ଷରୁ ପ୍ରାର୍ଥୀ ଦିଆଯାଇନଥିବା ହେତୁ ମଞ୍ଜୁଲତା କହଁର ନିର୍ଦ୍ଦନ୍ଦରେ ନିର୍ବାଚିତ ହୋଇଛନ୍ତି । ବିଏମସି ଡେପୁଟି ମେୟର୍ ଭାବେ ନିର୍ବାଚିତ ହେବା ପରେ ମଞ୍ଜୁଲତା କହଁର କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରୁ ସେ ଏଭଳି ଦାୟିତ୍ୱ ପାଇଛନ୍ତି ।

## ରଜୀବରେ ରକ୍ତଦାନ ଶିବିର,୩୦ୟୁନିଟ ସଂଗ୍ରହ



ଖୋର୍ଦ୍ଧା, (ପିଏନ): ବାଙ୍କୀ ବ୍ଲକ ଅନ୍ତର୍ଗତ ରଜୀବ ଗ୍ରାମରେ ଭଗବତୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଲୋକ ବିକାଶ ଫାଉଣ୍ଡେସନ ଓ ସାପ୍ତାହିକ ପତ୍ରିକା ଭୋକିଲା ପେଟର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରୁ ମୋଟ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।ଏହି ଶିବିରକୁ ବିଶିଷ୍ଟ ସମାଜସେବୀ ଓ ସାହିତ୍ୟିକ ଲକ୍ଷ୍ମୀଧର ନାୟକ, ଓ ଅନୁଷ୍ଠାନର ଅଧକ୍ଷ ସୁଧୀର ଚନ୍ଦ୍ର ନାୟକ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ସମାଜସେବୀ ବିଜୟ କୁମାର ବରାଡ଼, ନିର୍ମଳ କୁମାର ସେଠୀ, ବଟକୃଷ୍ଣ ବାରିକ,ଧରମୁ ନାୟକ, ରବୀନ୍ଦ୍ର କୁମାର ସ୍ୱାଇଁ,ରାଜୀବ ବରାଡ଼,ଶିଶିର କୁମାର ସାହୁ ଓ ଚିନ୍ମୟ ମଲିକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିବା ବେଳେ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିଲେ ।ଖୋର୍ଦ୍ଧା ରକ୍ତ ଭଣ୍ଡାର ଅଧିକାରୀ ଡ଼ଃ ବର୍ଷା ବୈଶାଖୀ ପଣ୍ଡା,ଲାବଟେକନିସିଆନ ଅରୁଣ କୁମାର ସାହୁ ଓ ଝୁନୁଲତା ସାହୁ ପ୍ରମୁଖ ରକ୍ତ ସଂଗ୍ରହ ଥିଲେ ।

## ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ୨୩ତମ ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ

ଖୋର୍ଦ୍ଧା (ପି.ଏନ): ଗଡ଼ଖୋରଧା ସ୍ଥିତ ଶ୍ରୀ ରଘୁନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ୨୩ତମ ବିଶ୍ୱ ଶାନ୍ତି ମହାଯଜ୍ଞ ତା.୦୭.୦୪.୨୦୨୨ ରିଖ ଠାରୁ ଆରମ୍ଭ ହୋଇ ତା.୧୦.୦୪.୨୦୨୨ରିଖ (ରବିବାର) ରାମନବମୀ ଦିନ ଅପରାହ୍ନ ୫ ଘଟିକା ସମୟରେ ପୂର୍ଣ୍ଣାହୂତି ସମାପନ ହୋଇଛି । ଏଥିରେ ପ୍ରତ୍ୟେକ ଦିନ ଗୋପୂଜା, ସୂର୍ଯ୍ୟପୂଜା, ଭଜନ, ଘୃତଯଜ୍ଞ, ଅନ୍ନଯଜ୍ଞ, ପ୍ରବଚନ ତଥା ଜ୍ଞାନ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଶ୍ରୀ ରଘୁନାଥ ଦେବ ପରିଚାଳନା ସମିତି ଓ ଗଡ଼ଖୋରଧା ଗ୍ରାମବାସୀମାନଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣଙ୍କ ସମାଗମ ଦେଖିବାକୁ ମିଳିଥିଲା । ଦୀର୍ଘ ୨୩ବର୍ଷ ଧରି ଏହି ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇ ଆସୁଛି ।

## ଉଦାସ ଆଶ୍ରମରେ ବୃକ୍ଷରୋପଣ



ଚଣ୍ଡିଖୋଲ,(ପିଏନ)-ଛତିଆ ସୋଲର ସ୍ଥିତ ଉଦାସ ଆଶ୍ରମ ପରିସରରେ ବୃକ୍ଷରୋପଣ, ପଶୁପକ୍ଷୀମାନଙ୍କୁ ଖାଦ୍ୟ ବାଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଯଜ୍ଞେଶ୍ୱର ନନ୍ଦ ମହାରାଜଙ୍କ ନେତୃତ୍ୱରେ ଆଶ୍ରମର ଅନ୍ତେବାସୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଆଶ୍ରମ ପକ୍ଷରୁ ପ୍ରବଳ ଗୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ବାହାରେ ବୁଲାଚୁଲା କରୁଥିବା ଗାଇଗୋରୁ, ଷେଣ୍ଢ, ବୁଲା କୁକୁର ଓ ଜଙ୍ଗଲୀ ପଶୁ ପକ୍ଷୀମାନଙ୍କୁ ଖାଦ୍ୟ ଓ ପାନୀୟ ଯୋଗାଇ ଦିଆଯାଇଛି । ଏଥି ସହିତ ଆଶ୍ରମକୁ ଆସୁଥିବା ଭକ୍ତମାନଙ୍କ ପାଇଁ ଆଶ୍ରମ ପରିସରରେ ଦହି ସରବତର ବ୍ୟବସ୍ଥା କରାଯିବା ସହିତ ପ୍ରସାଦ ସେବନର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନିତ କରାଯିବାକୁ ଆଶ୍ରମ ପ୍ରତିଷ୍ଠାତା ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜ ପ୍ରକାଶ କରିଛନ୍ତି ।

## ମଣିପାଲ ହେଲଥ୍‌ମ୍ୟାପ ହାଇଦ୍ରାବାଦର ମେଡସିସ ପ୍ୟାଥଲ୍ୟାବକୁ ଅଧିଗ୍ରହଣ କଲା

ଭୁବନେଶ୍ୱର,(ପି.ଏନ): ମଣିପାଲ ହେଲଥ୍‌ମ୍ୟାପ ଭାରତର ଏକ ଅଗ୍ରଣୀ ଇଂଟିଗ୍ରେଟେଡ ଡାଇଗ୍ନୋଷ୍ଟିକ ସେବା ପ୍ରଦାନକାରୀ ହାଇଦ୍ରାବାଦ ସ୍ଥିତ ପ୍ୟାଥଲ୍ୟାବ ପ୍ରାଇଭେଟ୍ ଲିମିଟେଡକୁ ଅଧିଗ୍ରହଣ କରିଛି । ଏହି ଚୁକ୍ତି ମାଧ୍ୟମରେ ମଣିପାଲ ହେଲଥ୍‌ମ୍ୟାପ ଏହାର ପାଦଚିହ୍ନକୁ ୧୯ ଅତିରିକ୍ତ କେନ୍ଦ୍ରକୁ ବିସ୍ତାର କରିଛି । ଏହାର ସମୁଦାୟ ସଂଖ୍ୟା ଏବେ ୧୪ ଟି ରାଜ୍ୟରେ ୬୦କୁ ବୃଦ୍ଧି ପାଇଛି । ଏହାଦ୍ୱାରା ଇଂଟିଗ୍ରେଟେଡ ଡାଇଗ୍ନୋଷ୍ଟିକ ସେବା ବ୍ରାଣ୍ଡ ଭାବରେ ଏହାର ସ୍ଥିତି ସୁଦୃଢ଼ ହୋଇ ପାରିଛି । ଏହି ଚୁକ୍ତି ଦ୍ୱାରା ଅତିରିକ୍ତ ମଣିପାଳ ହେଲଥ୍ ମ୍ୟାପ୍ ୧୯ ଟି ଲାବୋରେଟୋରୀକୁ ଅଧିଗ୍ରହଣ କରିବ । ସେଥିମଧ୍ୟରେ ଗୋଟିଏ ଏନଏବିଏଲ୍ ସ୍ୱୀକୃତିପ୍ରାପ୍ତ କେନ୍ଦ୍ରୀୟ ଲାବୋରେଟୋରୀ ହାଇଦ୍ରାବାଦରେ ଅବସ୍ଥିତ । ହି ଅବସରରେ ମଣିପାଲ ହେଲଥମ୍ୟାପର ସିଇଓ ଡାକ୍ତର (କ୍ୟାପଟେନ) ସନ୍ଦୀପ ଶର୍ମା କହିଲେ, ମଣିପାଲ ହେଲଥମ୍ୟାପ ମେଡସିସ ପ୍ୟାଥଲାବକୁ ଅଧିଗ୍ରହଣ କରିଥିବାରୁ ଆମେ ବେଶ୍ ଉତ୍ସାହିତ । ଏହାଦ୍ୱାରା ଦେଶରେ ଏକୀକୃତ ଡାଇଗ୍ନୋଷ୍ଟିକ ସେବାର ଉନ୍ନତ ମାନ ଆସିପାରିବ । ସଠିକତା ଏବଂ ଶୀଘ୍ର ରିପୋର୍ଟ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ସହିତ ସମର୍ଥିତ ଉଚ୍ଚମାନର ସେବା ସୁଲଭ ମୂଲ୍ୟରେ ରେଡିଓଲୋଜି ଏବଂ ପାଥୋଲୋଜି ସେବା ସହିତ ଏକାଧିକ ରାଜ୍ୟରେ ଉପଲବ୍ଧ ହୋଇ ପାରିବ । ଇଂଟିଗ୍ରେଟେଡ ଡାଇଗ୍ନୋଷ୍ଟିକ ଏବେ ବିକଶିତ ହେବାରେ ଲାଗିଛି । ଆମେ ଯୋଜନା ବଦ୍ଧ ରଣନୀତି ମାଧ୍ୟମରେ ଆବଶ୍ୟକ ମାର୍କେଟ ଶେୟାର ହାସଲ କରିବାର ଲକ୍ଷ୍ୟ ରଖିଛୁ ।ମେଡସିସ ପ୍ୟାଥଲାବର ମୁଖ୍ୟାଳୟ ହାଇଦ୍ରାବାଦରେ ଅବସ୍ଥିତ । ଦେଶର ଦକ୍ଷିଣ, ପଶ୍ଚିମ ଏବଂ ଉତର ଭାଗରେ ଅବସ୍ଥିତ ୧୭ ଟି ଲ୍ୟାବ ମାଧ୍ୟମରେ ଏହା କାର୍ଯ୍ୟ କରୁଛି । ହାଇଦ୍ରାବାଦର କେନ୍ଦ୍ରୀୟ ଲ୍ୟାବ ଏନଏବିଏଲ୍ ସ୍ୱୀକୃତିପ୍ରାପ୍ତ । ଏହା ମଲିକୁଲାର ଏବଂ ସାଇଟୋଜେନେଟିକ୍ସ ସେଗମେଂଟରେ ସେବା ଯୋଗାଇଥାଏ । ଏହି ଅବସରରେ ମେଡସିସ ପ୍ୟାଥଲ୍ୟାବର ସିଇଓ ଭରତ କୁମାର ଅନାଗାନି କହିଲେ, ମଣିପାଲ ହେଲଥମ୍ୟାପ ସହିତ ମିଳିତ ହୋଇଥିବାରୁ ଆମେ ଉତ୍ସାହିତ । ଏହାର ଭାରତରେ ଡାଇଗ୍ନୋଷ୍ଟିକ ସେବାରେ ଉଚ୍ଚ କ୍ଲିନିକାଲ ଏବଂ ସେବା ଉତ୍କର୍ଷତା ପ୍ରଦାନ କରିବାର ଦୀର୍ଘ ଇତିହାସ ରହିଛି । ଏହି ଗୁଣଗୁଡ଼ିକ ମେଡସିସ ପ୍ୟାଥଲ୍ୟାବରେ ଏବେ ଅ'ର୍ଭୁକ୍ତ ହୋଇପାରିବ । ମଣିପାଲ ହେଲଥ ମ୍ୟାପ ସହିତ ଏହି ନୂତନ ଯାତ୍ରାରେ ସାମିଲ ହୋଇ ପ୍ୟାଥୋଲୋଜି ସେବା ଦେଶବ୍ୟାପୀ ଯୋଗାଇ ଦେବୁ । ମିଳିତ ଭାବେ ପୁଣେ, ଦିଲ୍ଲୀ, ବେଙ୍ଗାଲୁରୁ, ଏବଂ ନାଗପୁରର ଏହାର ଲ୍ୟାବଗୁଡିକ ଆବଶ୍ୟକ ସେବା ଯୋଗାଇ ଦେବେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray